**ବିଡିଓଙ୍କୁ ଗାଳିଗୁଲଜ ଅଭିଯୋଗ: ଥାନାରେ ମାମଲା**

ସୁନ୍ଦରଗଡ଼,(ଡି.ଏନ୍.ଏ.): ସୁନ୍ଦରଗଡ଼ ସଦର ବ୍ଲକ ବିଡ଼ିଓ ମିତ୍ରଭାନୁ ନାଏକଙ୍କୁ ଜଣେ ବ୍ୟକ୍ତି ବୁଧବାର ଅପରାହ୍ନରେ ଅଫିସ୍ ପ୍ରକୋଷ୍ଠକୁ ଆସି ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ବିଡ଼ିଓ ଏ ସମ୍ପର୍କରେ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ସାଲେପାଲି ଗ୍ରାମର ଶତ୍ରୁଘ୍ନ ପଟେଲ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ମାମଲା (ନଂ. ୨୧୬।୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ସଂରକ୍ଷିତ ଜଙ୍ଗଲରୁ ବେଆଇନ ମୋରମ ଉତ୍ତୋଳନ

ଦେବଗଡ଼,୨୮।୭(ଡି.ଏନ.ଏ.): ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ବେଆଇନ ମୋରମ ଉତ୍ତୋଳନ ବେଳେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏକ ଏକ୍ସାଭେଟର (ମାଟି ଖୋଳା ମେଶିନ) ଜବତ କରାଯାଇଛି। ଏଥିସହ ଏହି ଘଟଣାରେ ସମ୍ପୃକ୍ତ ଏକ୍ସାଭେଟର ଅପରେଟରଙ୍କୁ ବନବିଭାଗ ଧରିଛି। ଅପରେଟର ଜଣକ ବାରକୋଟ ଥାନା ଅନ୍ତର୍ଗତ କେଲଡା ଗ୍ରାମର ନିତ୍ୟାନନ୍ଦ ପ୍ରଧାନ ବୋଲି ଜଣାପଡିଛି। ବନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦେବଗଡ଼ ବନଖଣ୍ଡ ବାରକୋଟ ରେଞ୍ଜ ଅନ୍ତର୍ଗତ ମରଡଙ୍ଗ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ମୋରମ ଉତ୍ତୋଳନ କରାଯାଇ ଚୋରା ଚାଲାଣ ହେଉଥିଲା। ଏନେଇ କୌଣସି ସୂତ୍ରରୁ ସୂଚନା ପାଇବା ପରେ ଦେବଗଡ଼ ଡିଏଫ୍ଓ କ୍ଷମା ଷଡଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ ବାରକୋଟ ଫରେଷ୍ଟ ରେଞ୍ଜ ଅଧିକାରୀ ଜୟଶ୍ରୀ ମୁର୍ମୁ ସଦଳବଳେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଘଟଣାସ୍ଥଳରୁ ମୋରମ ଖୋଳୁଥିବା ଏକ ଏକ୍ସାଭେଟର ମେଶିନକୁ ଜବତ କରିବା ସହ ଅପରେଟର ନିତ୍ୟାନନ୍ଦଙ୍କୁ ଗିରଫ କରାଯାଇଥିଲା। ନିତ୍ୟାନନ୍ଦଙ୍କୁ ବନ ବିଭାଗ ନୋଟିସ ଦେଇ ଛାଡି ଦେଇଥିବାବେଳେ ଜବତ ଏକ୍ସାଭେଟର ବିଭାଗୀୟ ହେପାଜତରେ ରହିଛି।

### ରାସ୍ତା ମରାମତି ନେଇ ଭାଜପାର ଦାବିପତ୍ର

ଝାରସୁଗୁଡ଼ା ଅଫିସ,୨୮।୭: ଝାରସୁଗୁଡା ଜିଲାର ଲଇକେରା, କିର୍ମିରା, କୋଲାବିରା ଓ ଝାରସୁଗୁଡା ବ୍ଲକ୍‌ରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ତରଫରୁ ୟଜଳ ଯୋଗାଣ ପାଇଁ ପାଇପ୍ ବିଛା କାମ ଚାଲିଛି। ସମ୍ପୃକ୍ତ ଠିକାଦାର ପାଇପ୍ ବିଛାଇବା ପାଇଁ ବିଭିନ୍ନ ଗାଁରେ ପକ୍କାରାସ୍ତା ଖୋଳିଦେଇଛନ୍ତି। ଫଳରେ ରାସ୍ତା ଶୋଚନୀୟ ହୋଇପଡିଛି। ଏହି ରାସ୍ତାରେ ଯାତାୟାତ ସମସ୍ୟା ହେଉଛି। ଏହାର ମରାମତି ପାଇଁ ଜିଲା ଭାଜପା ତରଫରୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟରଙ୍କୁ ଦାବିପତ୍ର ଦିଆଯାଇଛି। ଏହାର ଏକକିତା ନକଲ ଜିଲାପାଳ ଓ ଏମ୍‌ପିଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଭାଜପା ନେତା ଦୀନେଶ ଜୈନ, ଟାଉନ ସଭାପତି ଦୀନେଶ ଉପାଧ୍ୟାୟ, ଆଇନଜୀବୀ ସତ୍ୟ ନାରାୟଣ ବହିଦାର, ନରେଶ ନାୟକ, ଡାକେଶ୍ୱର ପାଣ୍ଡେ, ପ୍ରଶାନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

### ରୁରାଲ ହାଉସିଂ ଉପରେ ଗୁରୁତ୍ୱ ଦେବି



କୁଆଁରମୁଣ୍ଡା,୨୮।୭(ଡି.ଏନ.ଏ.): ରକାରଙ୍କ ବିଭିନ୍ନ ଯୋଜନାଗୁଡିକର ସଫଳ ରୂପାୟନ ନିମନ୍ତେ ଗୁରୁତ୍ୱ ଦେବି ବୋଲି କୁଆଁରମୁଣ୍ଡା ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ବିଡିଓ ବିକାଶ ଚନ୍ଦ୍ର ସାହୁଙ୍କୁ ସାକ୍ଷାତ କରିବା ଅବସରରେ ସୂଚନା ଦେଇଛନ୍ତି। ଏହାସହ କୋଭିଡ୍-୧୯ ସମୟରେ କର୍ମ ସଂସ୍ଥାନ ହରାଇଥିବା ପ୍ରବାସୀମାନଙ୍କୁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାର୍ଯ୍ୟ ଯୋଗାଇ ଦେବା ସହ ରୁରାଲ ହାଉସିଂ ବିଶେଷକରି ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଇତ୍ୟାଦି କାର୍ଯ୍ୟକୁ ପ୍ରାଥମିକତା ଦେବା ସହ ସର୍ବୋପରି ବ୍ଲକ ଅଞ୍ଚଳବାସୀଙ୍କ ସହ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବି ବୋଲି ନୂତନ ବିଡିଓ ସାହୁ ଏହି ଅବସରରେ ସୂଚନା ଦେଇଛନ୍ତି। କୁଆଁରମୁଣ୍ଡା ବ୍ଲକରେ ବିଡିଓ ଭାବେ ଯୋଗ ଦେବା ପୂର୍ବରୁ ସାହୁ ସମ୍ବଲପୁରରେ କୋଭିଡ୍ ପରିଚାଳନା ଦାୟିତ୍ୱରେ ଥିଲେ ବୋଲି କହିଛନ୍ତି।

### ଆଦିବାସୀ ଅଞ୍ଚଳରେ ଗର୍ଭବତୀଙ୍କୁ ଟିକା

ଟେନ୍‌ସା,୨୮।୭(ଡି.ଏନ.ଏ): ଆଦିବାସୀ ଅଧୁଷିତ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଗର୍ଭବତୀ ଓ ଶିଶୁଙ୍କୁ କ୍ଷୀର ପାନ କରାଉଥିବା ମହିଳାଙ୍କୁ ଟିକା କରଣ କାର୍ଯ୍ୟକ୍ରମ। ଗୋଟିଏ ସମୟରେ କରୋନା ମହାମାରୀ ସୁନ୍ଦରଗଡ଼ ଜିଲାକୁ ସବୁଠାରୁ ଅଧିକ ପ୍ରଭାବିତ କରିଥିବା ବେଳେ ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ରହିଛି। ଯାହାକୁ ଆଖି ଆଗରେ ରଖି ଜିଲାରେ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନା କୌଣସି ଧାଡି ଓ ବିନା କୌଣସି ଦ୍ୱିଧାରେ ଗର୍ଭବତୀ ଓ ଶିଶୁଙ୍କୁ କ୍ଷୀର ପାନ କରୁଥିବା ମହିଳାଙ୍କୁ ଟିକାକରଣ କରାଯାଉଛି। କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଅଞ୍ଚଳର ୨୦ରୁ ଉର୍ଦ୍ଧ୍ୱ ଓ ବୁଧବାର ୪୮ ଗର୍ଭବତୀ ଏବଂ ଶିଶୁ କ୍ଷୀର ପାନ କରୁଥିବା ମହିଳାଙ୍କୁ ସ୍ଥାନୀୟ ଡାକ୍ତର ସନତ କୁମାର ପଶୁପାଳକଙ୍କ ଉପସ୍ଥିତିରେ ଟିକା ପ୍ରଦାନ କରାଯାଇଥିଲା।

# ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି ଚାଷୀ

ସୁନ୍ଦରଗଡ଼,୨୮।୭ (ଡି.ଏନ୍.ଏ)

ଚାଷ ପାଇଁ ଧାନ ବିହନ ଓ ପନିପରିବା ମଞ୍ଜି ଦୋକାନରୁ ନ କିଣି ନିଜେ ଦେଶୀ ଧାନ ଓ ପନିପରିବା ବିହନ ଚାଷ ସହ ବିହନ ସଂରକ୍ଷଣ କରି ଉଦାହରଣ ସୃଷ୍ଟି କରିଛନ୍ତି। ଅନ୍ୟ ଚାଷୀଙ୍କୁ ଏହି ବିହନ ବିକ୍ରୟ କରି ପରମ୍ପରାଗତ ଚାଷକୁ ବଞ୍ଚାଇ ରଖିବା ପାଇଁ ଉଦ୍ୟମ କରି ବିହନ ଉତ୍ପାଦକ ଓ ସଂରକ୍ଷକ ଭାବେ ନିଜର ଏକ ନୂଆ ପରିଚୟ ସୃଷ୍ଟି କରିଛନ୍ତି ସୁନ୍ଦରଗଡ଼ ଜିଲାର ବାଲିଶଙ୍କରା,ଟାଙ୍ଗରପାଲି ଓ ଲେଫ୍ରିପଡା ବ୍ଲକର କେତେଜଣ ଉଦ୍ୟମୀ ଚାଷୀ। ପରମ୍ପରାଗତ କୃଷି ବିକାଶ ଯୋଜନାରେ ସାମିଲ ହୋଇଥିବା ସିଡ୍‌ୟୁଜର ଗ୍ରୁପର ଚାଷୀମାନଙ୍କୁ ନେଇ କିପରି ବିହନ ଉତ୍ପାଦକ ଓ ସଂରକ୍ଷକ ହୋଇ ନିଜର ଜୀବନଜୀବିକାରେ ଉନ୍ନତି ଆଣିପାରିବେ ସେ ନେଇ ସାମାଜିକ ଅନୁଷ୍ଠାନ ସିଆଇଆରଟିଡି ଆନୁକୂଲ୍ୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସଚେତନ ହୋଇ ଏହି ଚାଷୀମାନେ ଏଭଳି ଚାଷ କରିବାକୁ ପ୍ରେରଣା ପାଇ ବର୍ତ୍ତମାନ ବେଶ୍ ଲାଭବାନ ମଧ୍ୟ ହୋଇପାରିଛନ୍ତି। ବାଲିଶଙ୍କରା, ଟାଙ୍ଗରପାଲି ଓ ଲେଫ୍ରିପଡା ବ୍ଲକର ବିଭିନ୍ନ ଗ୍ରାମରେ ଚାଷୀ, ବିଶେଷକରି ମହିଳା ଆଦିବାସୀ ଚାଷୀ ଓ କ୍ଷୁଦ୍ର ନାମମାତ୍ର ଚାଷୀମାନଙ୍କୁ ବିଭିନ୍ନ ସମୟରେ ଆୟୋଜିତ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇ ଆସୁଅଛି। ଗତ ୨୦୧୭-୧୮ରୁ ଏହି ଚାଷୀମାନଙ୍କ ମଧ୍ୟରୁ ନିର୍ମଳ ବାର୍ଲା, ପ୍ରଦୀପ ଯାତର୍ମା, କମଳ ସାଗର କୁଲୁ, ଜଗନ୍ନାଥ କଉଡି, ଦମନିକା ସାମାଦ,



ଦୁଇଚାଷୀ ପାରମ୍ପରିକ ବିହନ ପ୍ରସ୍ତୁତ କରୁଛନ୍ତି।

### ପାରମ୍ପରିକ ଦେଶୀ ବିହନ ଉତ୍ପାଦନ ଓ ସଂରକ୍ଷଣ

ଶାସ୍ତ୍ରୀ ଷଣ୍ଡ ପ୍ରମୁଖ ଚାଷୀମାନେ ସଚେତନ ହୋଇ ଦେଶୀ ବିହନ ଉତ୍ପାଦନ ଓ ସଂରକ୍ଷଣ କରି ଲାଭବାନ୍ ହୋଇ ଅନ୍ୟଚାଷୀମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସାଧାରଣ ଲୋକ ଧାନକୁ କିଲୋପ୍ରତି ୧୨ରୁ ୧୫ ଟଙ୍କାରେ ବିକ୍ରି କରୁଥିବା ବେଳେ ଏହି ଚାଷୀମାନେ ଦେଶୀ ଧାନ ବିହନକୁ କିଲୋପ୍ରତି ୪୦ରୁ ୭୦ ଟଙ୍କାରେ ବିକ୍ରି କରି ବର୍ଷକୁ ୪୦ରୁ ୫୦ହଜାର ଟଙ୍କା ଲେଖାଏଁ ଲାଭ କରିବାରେ ସକ୍ଷମ ହୋଇଛନ୍ତି। ଏହା ସହିତ ପନିପରିବା ବିହନର ଉତ୍ପାଦନ ଓ ସଂରକ୍ଷଣ କରି ଏହି ୩ଟି ବ୍ଲକର ୩୦୦ରୁ ୪୦୦ଜଣ ମହିଳା ଓ ପୁରୁଷ ଚାଷୀ ଦେଶୀ ବିହନ ଉତ୍ପାଦକ ଓ ସଂରକ୍ଷକ ନାମରେ ନାମିତ ହୋଇ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରି ଜୀବନଜୀବିକାର ମାନଦଣ୍ଡରେ ମଧ୍ୟ ଉନ୍ନତି କରିପାରିଛନ୍ତି।

# କୁତ୍ରା ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ



ବନ ମହୋତ୍ସବ ପାଳନ ଅବସରରେ ଚାରା ରୋପଣ କରାଯାଉଛି।

କୁତ୍ରା,୨୮।୭(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆର ଚତୁଃପାର୍ଶ୍ୱରେ ସବୁଜ ବଳୟ ସୃଷ୍ଟି କରିବାର ଲକ୍ଷ୍ୟ ନେଇ ସବୁଜ ବାହିନୀ ଆନୁକୂଲ୍ୟରେ ବୁଧବାର ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁତ୍ରା ତହସିଲଦାର ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ବିଦ୍ୟାଳୟର ମନୋରମ ପରିବେଶ ତାଙ୍କୁ ଅଭିଭୂତ କରିଛି ବୋଲି କହିବା ସହ ଗଛର ମହିମା ଗାନ କରିଥିଲେ। ସମ୍ମାନିତ ଅତିଥି ଭାବେ କୁତ୍ରା ବିଇଓ ଗୁରୁଚରଣ ସାହୁ , ଡାଲମିଆ ଭାରତ ସିମେଣ୍ଟ ସିଏସ୍ଆର ମୁଖ୍ୟ ତପନ ନାୟକ, ଜେଏସ୍‌ଡବ୍ଲୁ ସିଏସଆର ମୁଖ୍ୟ ସଂଗ୍ରାମ ରାଉତ, ରିମା ରୋଜ, ମୋ ସ୍କୁଲ ଅଭିଯାନ ସଭାପତି ଶଙ୍କରପ୍ରସାଦ ଟପ୍ପୋ, ମୋ ସ୍କୁଲ ଅଭିଯାନର ମାର୍ଗଦର୍ଶକ ବିଶିକେଶନ ସାହୁ, ପ୍ରଭୁଦୟାଲ ଅଗ୍ରୱାଲ, ପ୍ରଶାନ୍ତ ସାହୁ, ଗଣେଷ ନାଏକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ପରେ ଜୁନିୟର ରେଡକ୍ରସ, ସବୁଜ ବାହିନୀ ଓ ସ୍କାଉଟ ଗାଇଡ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ସଭାକାର୍ଯ୍ୟରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀଙ୍କ ସଭାପତିତ୍ୱ କରିଥିଲେ। ଇକୋ କ୍ଲବ ମାଷ୍ଟର ଟ୍ରେନର ତଥା ପ୍ରକୃତିବନ୍ଧୁ ବିଭୀଷଣ ବାରିକଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗାଇଡ କ୍ୟାପଟେନ ଦୀପିକା କେରକେଟା, ଜୁନିୟର ରେଡକ୍ରସ କାଉନସିଲର ସୁନିମା ପଟେଲ, ଜସ୍ମିନ ମିଞ୍ଜ ସମେତ ବୈଜନ୍ତି ପଟେଲ, ନୂତନ ହରୋ, ଲବଣୀଧର ଗର୍ଡିଆ, ନବିଦା ଖାନମ, ଆଶାଲତା ମହାପାତ୍ର, ବାବୁଲାଲ ଟପ୍ପୋ, ନୂତନ ହରୋ, ଦିଲ୍ଲୀପ ବେହେରା ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# ବଜରଙ୍ଗ ଦଳର ଶୋଭାଯାତ୍ରା: କୋଭିଡ୍ ନିୟମ ଖିଲାପ



ବଜରଙ୍ଗଦଳ କର୍ମୀ ରାଲିରେ ଯାଉଛନ୍ତି।

କୁତ୍ରା,୨୮।୭(ଡି.ଏନ.ଏ)

ଗତ ୧୨ ତାରିଖ ସଲଙ୍ଗାବାହାଲଠାରେ ଗୋ ଚାଲାଣ ହେଉଥିବାର ବଜରଙ୍ଗଦଳ କର୍ମୀମାନେ ଦେଖି ସେମାନଙ୍କୁ ଅଟକାଇଥିଲେ। ପରେ ସେମାନଙ୍କ ନାମରେ ଥାନାରେ ଅଭିଯୋଗ ହେବା ପରେ ରାଏବଗା ପୋଲିସ ଖତକୁରବାହାଲ ପତ୍ରାପଡାର ସୋନୁ ସାହୁ ଓ ମଞ୍ଜିତ ଲେହେରିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଦୀର୍ଘ ୧୫ ଦିନ ପରେ ସେମାନେ ମଙ୍ଗଳବାର ଜେଲରୁ ବାହାରିବା ପରେ ରାତ୍ରିରେ ହଜାରେରୁ ଉର୍ଦ୍ଧ୍ୱ ସଂଖ୍ୟକ ବଜରଙ୍ଗଦଳ କର୍ମୀ ବିରାଟ ପଟୁଆରରେ ବାହାରି ବାଣ ,ବାଜା ଫୁଟାଇ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ଆଣି ଶକ୍ତି ପ୍ରଦର୍ଶନ କରିଥିଲେ। ଏହି ପଟୁଆର କୁତ୍ରାରୁ ଖତକୁରବାହାଲ ପର୍ଯ୍ୟନ୍ତ ଯାଇଥିଲା। ଏଅଞ୍ଚଳରେ ଗୋଚାଲାଣକୁ ଆଗାମୀ ଦିନରେ ଆହୁରି ତୀବ୍ର ଭାବରେ ବିରୋଧ କରାଯାଇ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରାଯିବ ବୋଲି ବଜରଙ୍ଗଦଳ ତରଫରୁ କୁହାଯାଇଛି। ଗୋ ମାତା ଉପରେ ଅତ୍ୟାଚାରକୁ କୌଣସି ପ୍ରକାର ବରଦାସ୍ତ କରାଯିବ ନାହିଁ ବୋଲି ବଜରଙ୍ଗଦଳ ତରଫରୁ କୁହାଯାଇଛି। ଅନ୍ୟ ପକ୍ଷରେ କରୋନା କଟକଣାକୁ ଖାତିର ନ କରି ଏତେ ସଂଖ୍ୟକ ଲୋକ ଏକଜୁଟ ହୋଇ ଏପ୍ରକାରର ରାଲି କରିବାକୁ ସାଧାରଣରେ ବିରୋଧ କରାଯିବା ସହିତ ଏହା କାହା ଅନୁମତିରେ କରାଗଲା ବୋଲି ପ୍ରଶ୍ନ ଉଠାଇଛନ୍ତି। ଏହା ବିରୁଦ୍ଧରେ କୁତ୍ରା ତହସିଲଦାର ରବୀନ୍ଦ୍ର କୁମାର ସେଠୀ କୁତ୍ରା ଥାନାରେ ୧୫୦ ଲୋକଙ୍କ ନାଁରେ ଅଭିଯୋଗ କରିଥିବା ନିଜେ ତହସିଲଦାର ସୂଚନା ଦେଇଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ବିଡିଓଙ୍କୁ ସମ୍ବର୍ଦ୍ଧନା

କୁତ୍ରା,୨୮।୭(ଡି.ଏନ୍.ଏ.)

କୁତ୍ରାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଥିବା ସ୍ଥାନୀୟ ବିଡ଼ିଓ ମାନସ ରଞ୍ଜନ ରୟଙ୍କୁ ନିକଟରେ ଏଡିଏମ ଭାବେ ପଦୋନ୍ନତି ପାଇଥିବାରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଏମ.ଲକ୍ଷ୍ମୀନାରାୟଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ରୟଙ୍କୁ ଉପଢୌକନ, ସ୍ମାରକୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶିକ୍ଷକ ଅଭିଭାବକ କମିଟିର ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁ, ଶିକ୍ଷକ ଗଦାଧର ସାହୁ, ରାଜେଶ୍ୱର ମାହାତୋ ପ୍ରମୁଖ ବିଦ୍ୟାଳୟ, ଅଭିଭାବକଙ୍କ ପକ୍ଷରୁ ବିଡିଓଙ୍କୁ ତାଙ୍କର ପଦୋନ୍ନତି ପାଇଁ ଅଭିନନ୍ଦନ ଜଣାଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତି ରୟଙ୍କର ରହିଥିବା ଅବଦାନ ନେଇ ବିଦ୍ୟାଳୟର ଅଧ୍ୟକ୍ଷ ଆଲୋକପାତ କରିବା ସହ ତାଙ୍କ ପଦୋନ୍ନତି ପାଇଁ ଅଭିନନ୍ଦନ ଜଣାଇଥିଲେ। ଶିକ୍ଷକ ଓମ ପ୍ରକାଶ ତିୱରି ସମ୍ବର୍ଦ୍ଧନା ସଭା ପରିଚାଳନା କରିଥିଲେ। ଶିକ୍ଷକ ରୋହିତ ଚତୁର୍ବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ଭାଜପାର ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ବିକ୍ଷୋଭ ପ୍ରଦର୍ଶନ।

ଝାରସୁଗୁଡ଼ା ଅଫିସ,୨୮।୭

ଝାରସୁଗୁଡା ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏହାର ପ୍ରତିବାଦରେ ଜିଲା ଭାଜପା ତରଫରୁ ସଭାପତି ମଙ୍ଗଳ ସାହୁ ଓ ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଜରିଆରେ ରାଜ୍ୟପାଳଙ୍କୁ ୯ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଏଥିରେ ଦର୍ଶାଯାଇଛି, ପଶ୍ଚିମ ଓଡ଼ିଶାର ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ଭିମ୍‌ସାରରେ ଆବଶ୍ୟକ ଡାକ୍ତର ଓ ଭିତ୍ତିଭୂମି ଅଭାବରୁ ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। କୋଭିଡ୍‌କୁ ଦୃଷ୍ଟିରେ ରଖି ଭିମ୍‌ସାରରେ ଇକ୍‌ମୋ ମେଶିନ୍ ସ୍ଥାପନ ପାଇଁ ଦଳ ଦାବି କରିଛି। କୋଭିଡ୍ ମୁକାବିଲା ପାଇଁ ଜିଲାର ଡିଏଚ୍‌ଏଚ୍, ସିଏଚ୍‌ସି, ପିଏଚ୍‌ସିରେ ସରକାର ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି କରିନାହାନ୍ତି। କୋଭିଡ୍‌ର ତୃତୀୟ ଲହର ଆସିବା ସମ୍ଭାବନା ରହିଥିଲେ ମଧ୍ୟ ଶିଶୁମାନଙ୍କ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଡିକେଟେଡ୍ କୋଭିଡ୍ କେୟାର ସେଣ୍ଟର ଓ ଅକ୍ସିଜେନ୍ ବେଡ୍ ବ୍ୟବସ୍ଥା ହୋଇନାହିଁ। ଆବଶ୍ୟକ ଡାକ୍ତର, ଫାର୍ମାସିଷ୍ଟ, ଟେକ୍‌ନିସିଆନ୍, ଷ୍ଟାଫ୍ କ୍ୱାର୍ଟର୍ସ ଆଦି ଅଭାବ ରହିଛି। ଜିଲାର ଏକମାତ୍ର କୋଭିଡ୍ ହସ୍ପିଟାଲ୍‌ରେ ଆର୍‌ଟିପିସିଆର୍ ମେଶିନ୍ ରହିଥିଲେ ମଧ୍ୟ ଟେଷ୍ଟ ହୋଇପାରୁନାହିଁ। ମୁଦ୍ରାଯୋର ସିଏଚ୍‌ସିରେ ସାପକାମୁଡା ଇଞ୍ଜେକ୍‌ସନ୍ ସହିତ ଡାକ୍ତର ନ ଥିବାରୁ ୧ସପ୍ତାହ ତଳେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ତେଣୁ ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପକାମୁଡା ଇଞ୍ଜେକ୍‌ସନ୍ ମହଜୁଦ୍ ରଖିବା ସହ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ଗୃହ ଓ ବ୍ଲଡ୍‌ବ୍ୟାଙ୍କ ସୁବିଧା ଯୋଗାଇଦେବା ପାଇଁ ଦାବି ହୋଇଛି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଶବ ବ୍ୟବଚ୍ଛେଦ ଗୃହ ସାଙ୍ଗକୁ ମୃତଦେହ ସଂରକ୍ଷିତ ପାଇଁ ଶୀତଳ ଭଣ୍ଡାର କରିବାପାଇଁ ଦାବି ହୋଇଛି । ଏସବୁ ଦାବି ପୂରଣ ନ ହେଲେ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏହି ଆନ୍ଦୋଳନରେ ଦୀନେଶ ଉପାଧ୍ୟାୟ, ପ୍ରେମସେନ୍ ରାଏ, ମହେନ୍ଦ୍ର କେଡିଆ, ବିଜୟ ଶର୍ମା, ନବଲ ଅଗ୍ରୱାଲ୍, ସୋନୁ ଥିରାନୀ, ମହେଶ୍ୱର ନାୟକ, ମଞ୍ଜୁବାଳା ଗୁରୁ, ରିନା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ପଶ୍ଚିମ ଓଡ଼ିଶାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ଦାବିପତ୍ର

ଦେବଗଡ଼,୨୮।୭ (ଡି.ଏନ.ଏ)

ପଶ୍ଚିମ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ବୁର୍ଲାସ୍ଥିତ 'ଭିମସାର'କୁ ରାଜ୍ୟ ସରକାର ଅଣଦେଖା କରୁଥିବା ପ୍ରତିବାଦରେ ବୁଧବାର ଦେବଗଡ଼ ଜିଲା ଭାଜପା ପକ୍ଷରୁ ଜନ ଆନ୍ଦୋଳନ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମନୋଜ ଉପାଧ୍ୟାୟଙ୍କୁ ପ୍ରଦାନ କରାଯାଇଛି। ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଭାଜପା ଜିଲା ସଭାପତି ମୀନକେତନ ପ୍ରଧାନ, ପୂର୍ବତନ ଜିଲା ସଭାପତି ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀ ଜିଲା ମୁଖ୍ୟ ଚିକିତ୍ସାଳୟ ଠାରେ ପହଞ୍ଚିଥିଲେ। ପଶ୍ଚିମ ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ପ୍ରତିବାଦ କରିଥିଲେ। ଏହି କାର୍ଯ୍ୟକ୍ରମରେ ନଗର ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ଜଗନ୍ନାଥ ବେହେରା, ସରୋଜ କୁମାର ପାଢ଼ୀ, ସୁଧୀର କୁମାର ପାତ୍ର, ସାନୁ ଘଡେଇ, ତାପସ କୁମାର ମହାପାତ୍ରଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# କୋଭିଡ୍ ସୁରକ୍ଷା ଉପକରଣ ବଣ୍ଟନ, ଚକ୍ଷୁ ପରୀକ୍ଷା

ରାଜଗାଙ୍ଗପୁର,୨୮।୭ (ଡି.ଏନ୍.ଏ.)

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ରାଜଗାଙ୍ଗପୁରର ସାମାଜିକ ଦାୟୀତ୍ୱବୋଧ ବିଭାଗ (ସିଏସଆର) ଦ୍ୱାରା ରାଜଗାଙ୍ଗପୁର ଆମ୍ବେଦକର କଲୋନୀ ତାଳକିପଡାରେ ୧୨୦ ଏବଂ କେନ୍ଦେଇମାଲ ଗ୍ରାମରେ ୮୬ ପରିବାରଙ୍କୁ କୋଭିଡ୍ ସୁରକ୍ଷା ଉପକରଣ ମାସ୍କ, ସାନିଟାଇଜର ବୋତଲ ଓ ସାବୁନ ବଣ୍ଟନ କରାଯାଇଛି। ଏହା ଛଡା ତାଳକିପଡାରେ ୯୮ ଓ କେନ୍ଦେଇମାଲ ଗ୍ରାମରେ ୫୫ ଜଣଙ୍କର ଡାଲମିଆ ଏଲଭିପିଇଆଇ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଚକ୍ଷୁ ପରୀକ୍ଷା କରାଯାଇଥିଲା। ତନ୍ମଧ୍ୟରୁ ତାଳକିପଡାର ୪ ଶିଶୁ, ୧୬ ବୟସ୍କ ଓ କେନ୍ଦେଇମାଲ ଗ୍ରାମର ୯ ଜଣ ବ୍ୟକ୍ତି ଚକ୍ଷୁ ରୋଗରେ ପୀଡିତ ଥିବା ଚିହ୍ନଟ ହୋଇଥିଲେ। ପୀଡିତଙ୍କୁ ଅସ୍ତ୍ରୋପଚାର ନିମନ୍ତେ ରାଜଗାଙ୍ଗପୁର ଚକ୍ଷୁ ଚିକିତ୍ସାଳୟ ଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ସିଏସ୍ଆର ବିଭାଗର ଶିବନାରାୟଣ ପରିଜା ଉକ୍ତ କାର୍ଯ୍ୟକ୍ରମକୁ ଆୟୋଜନ ଓ ପରିଚାଳନା କରିଥିଲେ। ଡାଲମିଆ ଏଲଭିପିଇଆଇ ଚକ୍ଷୁ ଚିକିତ୍ସାଳୟର ପ୍ରଭୁଦତ୍ତ ନାୟକ, ଆକସ୍ମି ନାୟକ, ଅଜୟ ସାହୁ ଓ ତାଙ୍କ ସହଯୋଗୀ ଚକ୍ଷୁ ପରୀକ୍ଷା କରିଥିଲେ। ସଙ୍ଗମ ମହିଳା ମଣ୍ଡଳର ପ୍ରିୟଙ୍କା ବାହେତି ଓ ମଣ୍ଡଳର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି କ୍ରମରେ କେସରମାଲ ଗ୍ରାମ ପଞ୍ଚାୟତର କୋରାପଡା ଗ୍ରାମରେ ମଧ୍ୟ କମ୍ପାନୀର ସିଏସ୍ଆର ବିଭାଗ ଦ୍ୱାରା ୧୧୦ ଜଣ ପରିବାରଙ୍କୁ କୋଭିଡ୍ ସୁରକ୍ଷା ଉପକରଣ ବଣ୍ଟା ଯିବା ସହିତ ୨୫ଜଣ ବୟସ୍କ ବ୍ୟକ୍ତିଙ୍କର ଚକ୍ଷୁ ପରୀକ୍ଷା କରାଯାଇ ୧୦ ଜଣଙ୍କୁ ରାଜଗାଙ୍ଗପୁର ଚକ୍ଷୁ ଚିକିତ୍ସାଳୟକୁ ଆସିବା ପାଇଁ ବ୍ୟବସ୍ଥା କରାଯାଇଥିଲା। କମ୍ପାନୀର ମାନବସମ୍ବଳ ବିଭାଗର ମୁଖ୍ୟ ବଳରାମ ପଣ୍ଡା କୋଭିଡ ସୁରକ୍ଷା ଉପକରଣ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେଶ୍ରାମାଲ ଗ୍ରାମର ୱାର୍ଡ ନଂ. ୧୪ର ୱାର୍ଡ ମେମ୍ବର ପାରଦନ ଖେସ, ସ୍ୱେଚ୍ଛାସେବୀ ଅମିତ ଲାକ୍ରା, ବଲାସିୟସ ତିର୍କୀ, ଅଙ୍ଗନୱାଡି କର୍ମୀ ମୀନା ଟପ୍ପୋ ଓ ଆଶା କର୍ମୀ ଗୋରେଟି ମିଞ୍ଜ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ପିଲାମାନଙ୍କର ଚକ୍ଷୁ ପରୀକ୍ଷା କରାଯାଉଛି।

# ମହିଳା ସଂଘ, ଗ୍ରାମବାସୀଙ୍କ ମିଳିତ ଚଢ଼ାଉ

ଦେବଗଡ଼/ରିଆମାଳ, ୨୮।୭ (ଡି.ଏନ୍.ଏ.)

ରିଆମାଳ ଥାନା ଆଡସ ପଞ୍ଚାୟତ ଅନ୍ତର୍ଗତ ରତାଖଣ୍ଡି ଗ୍ରାମରେ ଦେଶୀ ମଦ କାରବାର କରୁଥିବା ଏକ ଢାବାରେ ଗ୍ରାମବାସୀ ଓ ମହିଳା ସଂଘ ଚଢ଼ାଉ କରିଛନ୍ତି। ବେଆଇନ ମଦ ଜବତ କରିବା ସହ ଢାବା ମାଲିକଙ୍କୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ମିଳିଥିବା ସୂଚନା ଅନୁଯାଇ ରତାଖଣ୍ଡି ଗ୍ରାମରେ ବହୁଦିନ ଧରି ଚୈତନ୍ୟ ପୋଢ଼ ନାମକ ଜଣେ ବ୍ୟକ୍ତି ଢାବା ଖୋଲି ଦେଶୀ ମଦ ବିକ୍ରି କରି ଆସୁଥିଲେ। ଫଳରେ ଗାଁରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଥିଲା। ଗ୍ରାମବାସୀ ଆଡସ ସରପଞ୍ଚ ପୂଜାରିଣୀ ସାହୁଙ୍କ ନେତୃତ୍ୱରେ ରିଆମାଳ ଅବକାରୀ ବିଭାଗ ଓ ପୋଲିସକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ମଙ୍ଗଳବାର ସନ୍ଧ୍ୟାରେ ସରପଞ୍ଚଙ୍କ ନେତୃତ୍ୱରେ ଗ୍ରାମବାସୀ ଓ ମହିଳା ସଂଘ ମିଳିତ ଭାବେ ଉକ୍ତ ଢାବାରେ ଚଢ଼ାଉ କରିଥିଲେ। ଏଥିସହ ଢାବା ମାଲିକଙ୍କୁ କାବୁ କରିବା ସହ ତାଙ୍କ ପାଖରୁ ୪୦ ଲିଟର ଦେଶୀ ମଦ ଜବତ କରି ଅଟକ ରଖିଥିଲେ। ଉକ୍ତ ଗ୍ରାମରେ ଉତ୍ତେଜନା ଥିବା ସୂଚନା ପାଇ ଦେବଗଡ଼ ଏସ୍‌ପି ରାଜକିଶୋର ପାଇକରାୟଙ୍କ ନିର୍ଦ୍ଦେଶରେ ରିଆମାଳ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବେଆଇନ ମଦ ଜବତ କରିବା ସହ ଢାବା ମାଲିକ ରେଙ୍ଗାଲନାଳୀ ଗ୍ରାମର ଚୈତନ୍ୟ ପୋଢ (୩୦)ଙ୍କୁ ଗିରଫ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ତିନି ଦଫା ଦାବିନେଇ ବିଡିଓଙ୍କୁ ସ୍ମାରକପତ୍ର

ଟେନ୍‌ସା,୨୮।୭(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୋଇଡା ଜନସାଧାରଣ ଓ ବ୍ୟବସାୟ ସଂଘ ତରଫରୁ ତିନି ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ବୁଧବାର ପ୍ରଦାନ କରାଯାଇଛି। କୋଇଡାର ମୁଖ୍ୟ ରାସ୍ତା ନିର୍ମାଣ ନିମ୍ନମାନର ହୋଇଥିବା ଯୋଗୁ ଭାଙ୍ଗି ଗଲାଣି। ବର୍ଷା ହେଲେ ରାସ୍ତାରେ ପାଣି ଜମି ରହୁଛି। ସରକାରଙ୍କ ଅର୍ଥ ଠିକାଦାରମାନେ ହରିଲୁଟ କରୁଛନ୍ତି। ପୂର୍ତ୍ତ ବିଭାଗ ଜାଣି ମଧ୍ୟ ଚୁପ ରହୁଛନ୍ତି। ରାସ୍ତାର ଡାଇଭରସନଗୁଡିକ ଉଜାଇ ହୋଇ ନ ଥିବାରୁ ଅନ୍ୟ ରାସ୍ତାସବୁ କାଦୁଅ ହେଉଛି। ଭାରିଯାନ, ମାଲବାହୀ ଗାଡି ଚାଲିବା ଯୋଗୁ ରାସ୍ତା ସବୁବେଳେ ଜାମ୍ ରହୁଛି। କୋଇଡା ବ୍ୟବସାୟୀମାନେ ବେପାର ବାଣିଜ୍ୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା କଡରେ ଡ୍ରେନେଜ ବ୍ୟବସ୍ଥା ଠିକ ହୋଇ ନ ଥିବାରୁ ଡ୍ରେନ୍‌ରେ ଲୋକ ପଡିଯାଉଛନ୍ତି। ଏପରିକି ଲୋକମାନେ ଖଣ୍ଡିଆଖାବରା ହୋଇ ମେଡ଼ିକାଲ ଯାଉଛନ୍ତି। ବାରମ୍ବାର ପୂର୍ତ୍ତ ବିଭାଗକୁ, ସ୍ଥାନୀୟ ପ୍ରଶାସନକୁ ଜଣାଉ ଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏଣୁ ପୂର୍ବତନ ସମିତି ସଭ୍ୟ ଜନ ଡୁଙ୍ଗଡୁଙ୍ଗ, ଦୀପକ ସାହୁ, ଦେବେନ୍ଦ୍ର କୁମାର ଜେନା, ତାରିଣୀ ପ୍ରସାଦ ନାୟକ, ବିଦେଶୀ ନାୟକ, ସୁଶାନ୍ତ କୁମାର, ଶ୍ୟାମ ପାତ୍ର, ଡାକ୍ତର ପ୍ରେମଚାନ୍ଦ ନେଗୀ, ଯଦୁମଣି ପାତ୍ର, ଏକୁଆଲ ପୁରେଟି ପ୍ରମୁଖ ଜନସାଧାରଣ ଓ କୋଇଡା ବ୍ୟବସାୟୀ ସଂଘ ମିଳିତ ହୋଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ କୋଇଡା ବିଡ଼ିଓ ପଲ୍ଲବୀରାଣୀ ରାଜଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



କୋଇଡା ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଅଶୋକ ଦାସ ଲଳିତ କଳା ଏକାଡ଼େମୀ ସଭ୍ୟ ମନୋନୀତ

ବରଗଡ଼ ଅଫିସ୍: ବରଗଡ଼ କଳାକଳ୍ପନା ଅନୁଷ୍ଠାନର ଚିତ୍ରଶିଳ୍ପୀ ଅଶୋକ କୁମାର ଦାଶ ଓଡ଼ିଶା ଲଳିତ କଳା ଏକାଡ଼େମୀର ସଭ୍ୟ ମନୋନୀତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱରର ଚିଠି ସଂଖ୍ୟା-୩୧୮(୨୦) ଅନୁଯାୟୀ ତାଙ୍କୁ ସଭ୍ୟ ମନୋନୀତ କରାଯାଇଛି ବୋଲି ଦାଶ ସୂଚନା ଦେଇଛନ୍ତି। ଚିତ୍ରଶିଳ୍ପୀ ଦାଶ ପଶ୍ଚିମ ଓଡ଼ିଶାର ଚିତ୍ରକଳା, ଚିତ୍ରଶିଳ୍ପୀଙ୍କ ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି। ସଭ୍ୟ ମନୋନୀତ ପରେ ସେ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଓଡ଼ିଶା ଲଳିତ କଳା ଏକାଡ଼େମୀ ସଭାପତି ସୁଦର୍ଶନ ପଟ୍ଟନାୟକ, ସଚିବ ପଞ୍ଚାନନ ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସଂକ୍ଷେପରେ

### ନିଟ୍‌ରେ ଓବିସିଙ୍କୁ ସଂରକ୍ଷଣ ଦାବିରେ ଦାବିପତ୍ର ପ୍ରଦାନ

ଭବାନୀପାଟଣା,୨୮।୭(ଡି.ଏନ.ଏ.): ନିଟ୍ ପରୀକ୍ଷାରେ ଓବିସି ଛାତ୍ରୀଛାତ୍ରଙ୍କୁ କେନ୍ଦ୍ର ସରକାର ସଂରକ୍ଷଣ ପ୍ରଦାନ କରୁନାହାନ୍ତି। ଏହାର ପ୍ରତିବାଦରେ ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା କଳାହାଣ୍ଡି ଶାଖା ପକ୍ଷରୁ କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା କଳାହାଣ୍ଡି ଶାଖା ସାଧାରଣ ସମ୍ପାଦକ ଆଦିତ୍ୟ ହଂସ ଯାଦବଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ରାଜ୍ୟ ସଭାପତି ଜଗଦୀଶ ଯାଦବଙ୍କ ଅଧକ୍ଷତାରେ ଧାରଣା ଦିଆଯାଇଥିଲା। ଏଥିରେ ତୁଳମଣି ନାଗ, ବହୁଜନ କ୍ରାନ୍ତିମୋର୍ଚ୍ଚା ଜିଲା ସଂଯୋଜକ ଋଷି ସୁଦନ ଛତ୍ରପାଲ, ରାଷ୍ଟ୍ରୀୟ ମୁସଲିମ୍ ମୋର୍ଚ୍ଚା ରାଜ୍ୟ ସଭାପତି ମେହେବୁବ୍ ରାଜା ଓ କଲିମ ମୁଲ୍ଲାଖାନ, ଆଦିବାସୀ ଏକତା ପରିଷଦର ସନ୍ତୋଷ ନାଏକ, ଭାରତ ମୁକ୍ତି ମୋର୍ଚ୍ଚାର ସଞ୍ଜୟ ଶବର ପ୍ରମୁଖ ଯୋଗଦେଇଥିଲେ।

### ଷ୍ଟ୍ରିଟ୍‌ଲାଇଟ ଲଗାଇବାକୁ ପିଇଓଙ୍କୁ ଦାବିପତ୍ର

ଦେଓଗାଁ,୨୮।୭(ଡି.ଏନ.ଏ.):ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ମୁଖ୍ୟାଳୟରେ ଷ୍ଟ୍ରିଟଲାଇଟ ଲଗାଇବା ପାଇଁ ଗ୍ରାମବାସୀ ତଥା ଯୁବସଂଗଠନ ଦାବି କରିଛନ୍ତି। ପ୍ରାୟ ପଞ୍ଚାୟତ ମୁଖ୍ୟାଳୟରେ ସରକାର ଆଲୋକୀକରଣ ବ୍ୟବସ୍ଥା କରିଥିବା ବେଳେ ଉପରଝରରେ ଉକ୍ତ ବ୍ୟବସ୍ଥା ଫେଲ ମାରିଛି। ଫଳରେ ରାତି ସମୟରେ ଗାଁ ଅନ୍ଧକାର ରହୁଛି। ଦେଓଗାଁ ବ୍ଲକର ଉପରଝର, ମକୁନ୍ଦପୁର, ମହଲାଇ ଆଦି ପଞ୍ଚାୟତର ମୁଖ୍ୟପେଣ୍ଠସ୍ଥଳୀ ହେଉଛି ଉପରଝର। ୫ ୱାର୍ଡ ବିଶିଷ୍ଟ ଏହି ଗାଁରେ ପ୍ରାୟ ଏକହଜାର ଜନସଂଖ୍ୟା ରହିଛି। ଗାଁରେ ୧୦ରୁ ୧୫ଟି ଗଳି ରହିଛି। ପୂର୍ବରୁ ପଞ୍ଚାୟତ ତରଫରୁ କେତେକ ସ୍ଥାନରେ ଲଗାଯାଇଥିବା ଲାଇଟ ନିମ୍ନମାନର ଯୋଗୁଁ ଅଚଳ ହୋଇପଡିଛି। ଷ୍ଟ୍ରିଟ ଲାଇଟ ଲଗାଇବାକୁ ନେଇ ଗାଁର ଯୁବ ସଂଗଠନ ସଭାପତି ବିକାଶ କୁମାର ବିଶ୍ୱାଳ, ସମ୍ପାଦକ ରମେଶ କୁମାର ମହାପାତ୍ର, ରଞ୍ଜନ ପଧାନ, ଆଲୋକ ପଧାନ, ରଞ୍ଜିତ ପଧାନ, ରୋହିତ ମହାପାତ୍ର ପ୍ରମୁଖ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତଭାବେ ଦାବି ଜଣାଇଛନ୍ତି।

### ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମଙ୍କୁ ଶ୍ରଦ୍ଧାଞ୍ଜଳି

ଭବାନୀପାଟଣା,୨୮।୭(ଡି.ଏନ.ଏ.): କଳାହାଣ୍ଡି ଏପିଜେ ଅବଦୁଲ କଲାମ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଭାରତର ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡ. ଏପିଜେ ଅବଦୁଲ କଲାମଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଭବାନୀପାଟଣା ଇରିଗେସନ କଲୋନୀସ୍ଥିତ ଶିଳ୍ପୀ ସଦନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅଧକ୍ଷ ପ୍ରଦୀପ ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ମୁଖ୍ୟ ଡ. ସିଲି ରାଉତ, ମୁଖ୍ୟବକ୍ତା ଇତିହାସ ଅଧାପିକା ଡ. ଗୀତାଞ୍ଜଳି ରାଉତ, ଟ୍ରଷ୍ଟ ଉପାଧକ୍ଷ ସ୍ୱାଧୀନ ପାତ୍ର, ସମ୍ପାଦକ ମୁକୁନ୍ଦ ରେଡ୍ଡି ଯୋଗଦେଇଥିଲେ। ପ୍ରାରମ୍ଭରେ ଡ. କଲାମଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସହ ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ସଭା ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। ଟ୍ରଷ୍ଟର ସଦସ୍ୟ ଧନଞ୍ଜୟ ସାହୁ, ଧନଞ୍ଜୟ ପାଣିଗ୍ରାହୀ, ବିଶ୍ୱଜିତ ରାୟ, ଏମ୍. ନାଗେଶ୍ୱର ରାଓ ଦୋରା, ଭ୍ରୁକୁଟି ଗଉଡ, ଭାରତ ସାହୁ, ଯୁବ ଗାଳ୍ପିକ ଡିଲେଶ୍ୱର ରଣା ପ୍ରମୁଖ ସହଯୋଗ କରିଥିଲେ। ସଭା ପରେ ସଦନ ପରିସରରେ ଚାରାରୋପଣ କରାଯାଇଥିଲା।

### ଶ୍ରମିକ ନେତାଙ୍କ ଦେହାନ୍ତ

ବରଗଡ଼ ଅଫିସ୍,୨୮।୭: ବରଗଡ଼ର ବର୍ଷିୟାନ ଶ୍ରମିକ ନେତା ରମେଶ ଚନ୍ଦ୍ର ମହାପାତ୍ରଙ୍କ ବୁଧବାର ଦେହାନ୍ତ ହୋଇଛି। ବରଗଡ଼ ପୌରାଞ୍ଚଳ ଅଧିନ ମାଷ୍ଟରଟିକ୍ରାସ୍ଥିତ ବାସଭବନରେ ପରଲୋକ ଘଟିଥିଲା। ମୃତ୍ୟୁବେଳକୁ ତାଙ୍କୁ ୮୬ବର୍ଷ ହୋଇଥିଲା। ସ୍ୱର୍ଗତ ନେତା ତାଙ୍କ ଜୀବନକାଳରେ ଜଣେ ସାମାଜିକ କର୍ମୀ, ଶ୍ରମିକ ନେତାଭାବେ ବିଭିନ୍ନ ଆନ୍ଦୋଳନରେ ସାମିଲ ରହି ଲୋକଙ୍କ ହକ୍ ପାଇଁ ଲଢ଼େଇ କରିଥିଲେ। ସେ ବରଗଡ଼ ରେଲୱେ ସାଇଡିଂ ଲେବର ୟୁନିଅନର ସଭାପତି ରହିଥିଲେ। ତାଙ୍କ ପରଲୋକରେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଅଶୋକ ଯୋଶୀ, ଅରୁଣ ପ୍ରଧାନ, ରମେଶ ରାଓ, ସଞ୍ଜିବ ପଣ୍ଡା, ସଂକୀର୍ତ୍ତନ ଜାଲ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି। ବଡ଼ପୁଅ ଭରତ ଚନ୍ଦ୍ର ମହାପାତ୍ର ମୁଖାଗ୍ନି ଦେଇଥିଲେ।

# ରୋଗୀଙ୍କୁ ଷ୍ଟ୍ରେଚରରେ ୩କିମି ବୋହିଲେ

- ପାଇପ ଲାଇନ କାମ ଯୋଗୁ ଆମ୍ବୁଲାନ୍ସ ଗାଁକୁ ଯାଇ ପାରିଲାନି
- ଠିକାଦାର ରାସ୍ତାରୁ ମାଟି ହଟାଇବା ଦାବି କଲେ ଗ୍ରାମବାସୀ

ସଇଁତଲା,୨୮।୭ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲା ପଞ୍ଚାୟତ ଅନ୍ତର୍ଗତ ଭିର୍କାପଡ଼ା ଗାଁକୁ ଆମ୍ବୁଲାନ୍ସ ଯାଇ ପାରିଲାନି। ଏଥିଯୋଗୁ ଜଣେ ରୋଗୀଙ୍କୁ ୩କିମି ଦୂର ବୋହି ଆମ୍ବୁଲାନ୍ସ ପାଖକୁ ଆଣିଥିଲେ ଆମ୍ବୁଲାନ୍ସ କର୍ମଚାରୀ ଓ ଗ୍ରାମବାସୀ। ଭିର୍କାପଡ଼ାର ପ୍ରସନ୍ନ ଛତ୍ରିଆ (୪୮)ଙ୍କୁ ପ୍ରବଳ ଜ୍ୱର ଓ ପେଟବ୍ୟଥା ହେଉଥିବାରୁ ବୁଧବାର ସକାଳେ ୧୦୮ ଆମ୍ବୁଲାନ୍ସକୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ସକାଳ ୮.୩୦ରେ ଭିର୍କାପଡ଼ା ଅଭିମୁଖେ ବାହାରିଥିଲା। ହେଲେ ଗାଁକୁ ରାସ୍ତା ଖରାପ ଥିବାରୁ ତିନିକିମି ଦୂରରେ ଅଟକି ରହିଥିଲା। ଅନ୍ୟନୋପାୟ ହୋଇ ଆମ୍ବୁଲାନ୍ସ କର୍ମଚାରୀ ଚାଲି କରି ଗାଁକୁ ଯାଇ ରୋଗୀଙ୍କ ଘରେ ପହଞ୍ଚିଥିଲେ। ଷ୍ଟ୍ରେଚର ଯୋଗେ ଗ୍ରାମର


ରୋଗୀଙ୍କୁ ବୋହି ବୋହି ଆଣୁଛନ୍ତି ଆମ୍ବୁଲାନ୍ସ କର୍ମଚାରୀ ଓ ଗ୍ରାମବାସୀ।

କେତେକ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ କର୍ମଚାରୀ ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ଛତ୍ରିଆଙ୍କୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ମୁଖ୍ୟ ରାସ୍ତାଠାରୁ ଭିର୍କାପଡ଼ାକୁ କଚା ରାସ୍ତା ଥିଲା । କିନ୍ତୁ ବର୍ତ୍ତମାନ ବସୁଧା ଯୋଜନାରେ ଏକାଗୁଡ଼ିସ୍ଥିତ ଜାମନାଳରେ ଗଭୀର ନଳକୂପ ଖନନ କରାଯାଇ ଦାବଯୋରୀ ଗ୍ରାମ ବିଦ୍ୟାଳୟ ନିକଟରେ ଓଭରହେଡ୍ ଟ୍ୟାଙ୍କ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହି ଟ୍ୟାଙ୍କରୁ ଭିର୍କାପଡ଼ା ଓ ଦାବଯୋରୀ ଗ୍ରାମକୁ ଜଳ ଯୋଗାଣ ହେବ। ପାଇପ ବିଛାଇବା ପାଇଁ ମାଟି ଖୋଳି ରାସ୍ତା ଉପରେ ପକାଇ ଦିଆଯାଇଥିବା ଯୋଗୁଁ ଯିବା ଆସିବା କଷ୍ଟକର ହେଉଛି। ବୁଧବାର ଆମ୍ବୁଲାନ୍ସ ରାସ୍ତା ଉପରେ ମାଟି ପଡ଼ିଥିବା ଯୋଗୁଁ ଭିର୍କାପଡ଼ାକୁ ଯାଇ ପାରି ନ ଥିଲା। ରାସ୍ତାରୁ ଠିକାଦାର ଅବିଳମ୍ବେ ମାଟି ହଟାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କୋସଲ ଆନ୍ଦୋଳନ ତୀବ୍ର କରିବାକୁ ଆହ୍ୱାନ



ବରଗଡ଼ରେ ପହଞ୍ଚି ଥିବା କୋସଲ ସ୍ୱାଭିମାନ ପଦଯାତ୍ରା।

**ବରଗଡ଼ରେ କୋସଲ ସ୍ୱାଭିମାନ ପଦଯାତ୍ରା**

ବରଗଡ଼ ଅଫିସ୍,୨୮।୭

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବଣ୍ଟନରେ ରାଜ୍ୟ ସରକାର ପକ୍ଷପାତ ନୀତି ଅବଲମ୍ବନ କରିଥିବା ଅଭିଯୋଗ ହୋଇଛି। ଏଥିରେ କୋସଳାଞ୍ଚଳକୁ ଉପେକ୍ଷା କରିଥିବା ପ୍ରତିବାଦରେ କୋସଲ ଯୁବ ସମନ୍ୱୟ ସମିତି ପଦଯାତ୍ରାକୁ ଓହ୍ଲାଇଛି। ଗତ ୨୩ତାରିଖରୁ କଳାହାଣ୍ଡିରୁ ଆରମ୍ଭ ହୋଇଥିବା ପଦଯାତ୍ରା ବୁଧବାର ବରଗଡ଼ ସହରରେ ପହଞ୍ଚିଥିଲା। ପଦଯାତ୍ରା ସହର ଉପକଣ୍ଠ ଏକାମ୍ର ଛକରେ ପହଞ୍ଚିବା ପରେ ବରଗଡ଼ ଜିଲା କୋସଲ ରାଜ୍ୟ ସମନ୍ୱୟ ସମିତି ନେତୃତ୍ୱରେ ପଶ୍ଚିମ ଓଡ଼ିଶା ଯୁବାମଞ୍ଚ, ସଂକଳ୍ପ ପରିବାରର ସଦସ୍ୟମାନେ ବାଇକ୍ ରାଲିରେ ପଦଯାତ୍ରୀଙ୍କୁ ପାଛୋଟି ଆଣିଥିଲେ। ଅମ୍ବାପାଲି ବଣିକ ସଂଘ, ହଳଦୀପାଲି ରଣେଶ୍ୱର ରାମଚଣ୍ଡୀ ଯୁବକ ସଂଘ, ସମଲେଶ୍ୱରୀ ସଂଘ, ଜୟ କୋସଲ ଭୂମିହୀନ ସଂଗ୍ରାମ ସମିତି, ସୁନ୍ନୀ ମୁସଲିମ ସମାଜ, ଜାଗୃତ ସେବା ଶକ୍ତି, ମୋଟର ଚାଳକ ସଂଘ ସମେତ ବିଭିନ୍ନ ରାଜନୈତିକ, ସାମାଜିକ ଅନୁଷ୍ଠାନ ପକ୍ଷରୁ ପଦଯାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି କୋସଲ ଆନ୍ଦୋଳନକୁ ଜୋର୍‌ଦାର କରିବାକୁ ସଂକଳ୍ପ ନିଆଯାଇଥିଲା। ବରଗଡ଼ରେ ପ୍ରଥମ ପର୍ଯ୍ୟାୟ କୋସଲ ସ୍ୱାଭିମାନ ପଦଯାତ୍ରା ସମାପନ ହୋଇଛି ବୋଲି କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ସୂଚନା ଦିଆଯାଇଛି।

# ଶିଶୁଙ୍କ ସୁରକ୍ଷା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ

ସୋନପୁର,୨୮।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା କମିଟି, ଜିଲାସ୍ତରୀୟ ଟାସ୍କଫୋର୍ସ(ବାଲ୍ୟ ବିବାହ) ତଥା ଆଶୀର୍ବାଦ ଯୋଜନା ଆଭିମୁଖୀକରଣ ବୈଠକ ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ଶିଶୁମାନଙ୍କ ସୁରକ୍ଷା ଦିଗରେ ଆବଶ୍ୟକ ଯତ୍ନବାନ ହୋଇ ଦଳଗତଭାବେ କାର୍ଯ୍ୟ କରିବା ସହିତ ଶିଶୁଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ ଯୋଜନାରେ ଯୋଗ୍ୟ ଶିଶୁଙ୍କୁ ନିଶ୍ଚିତ ସାମିଲ କରିବାକୁ ଜିଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ଜିଲାରେ ବାଲ୍ୟ ବିବାହ ଯେପରି ନ ହେବ ସେଥିପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ କହିବା ସହ ତୃଣମୂଳସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ପଞ୍ଚାୟତିରାଜ ପ୍ରତିନିଧିଙ୍କୁ ସାମିଲ କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ନୂତନ ଭାବେ କାର୍ଯ୍ୟକାରୀ



ବୈଠକରେ ମଞ୍ଚାସୀନ ଜିଲାପାଳ ଓ ଅନ୍ୟ ଅଧିକାରୀ ବୃନ୍ଦ।

ହେଉଥିବା ଆଶୀର୍ବାଦ ଯୋଜନାର ଠିକ୍ ଓ ସୁନିଶ୍ଚିତ କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ଜିଲାର ୨୭ ଜଣ ଅନାଥ ଶିଶୁ ଓ ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇଥିବା ୭୫୯ ଜଣ ଚିହ୍ନଟ ହୋଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସୂଚନା ଦେଇଛନ୍ତି। ଆକ୍ସନ ଏଡ୍‌ର ଜିଲା ସଂଯୋଜକ ରାକେଶ ପ୍ରଧାନ ବାଲ୍ୟ ବିବାହ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଚାଇଲଡ୍ ଲାଇନ୍‌ର ନିର୍ଦ୍ଦେଶକ ଅନଙ୍ଗ କୁମାର ନେଗୀ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପିଡି ଡିଆରଡିଏ ଡୋଲାମଣି ପଟେଲ, ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜେ ଜେ ପଟେଲ ପ୍ରମୁଖ ଉପସ୍ଥିତ ରହି ମତ ଉପସ୍ଥାପନ କରିଥିଲେ। ଅନିତା ଗୁରୁ, ହିମାଂଶୁ ଭୂଷଣ ନାୟକ, ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ପବିତ୍ର କୁମାର ସାହୁ ଓ ଇପ୍ସିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣା ବଢ଼ାଇବ ରାଜପଥ

**ବିଧାୟକ, ଜିଲାପାଳଙ୍କୁ ସ୍ମାରକପତ୍ର**

ବରଗଡ଼ ଅଫିସ୍,୨୮।୭

ବରଗଡ଼ରୁ ବୋରିଗୁମ୍ମାକୁ ସଂଯୋଗ ୨୦୧ ନମ୍ବର ଜାତୀୟ ରାଜପଥ ପ୍ରଶସ୍ତିକରଣ ଠିକ୍‌ଭାବେ ହେଉ ନାହିଁ। କେତେକଙ୍କ ସ୍ୱାର୍ଥ ପାଇଁ ଜାଣିଶୁଣି ଉକ୍ତ ରାସ୍ତାକୁ ବରଗଡ ସହର ଉପକଣ୍ଠ ଅମ୍ବାପାଲି ବନଜାରୀ ନାଳା ପାଖରେ ବଙ୍କିଳ କରାଯାଇଛି। ଏଭଳି ଅଭିଯୋଗ କରି ସାମାଜିକ ଅନୁଷ୍ଠାନ ଫାଇଟ୍ ଅନ୍ ରାଇଟ୍(ଫର୍)ର ଏକ ପ୍ରତିନିଧି ଦଳ ବୁଧବାର ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇ ପୃଥକ ଭାବେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ କରାଯିଛି ଯେ, ବରଗଡ଼-ବୋରିଗୁମ୍ମା ରାଜପଥ ପ୍ରଶସ୍ତିକରଣରେ ରାସ୍ତାକୁ ସିଧାସଳଖ କରିବା ପାଇଁ ଆଗରୁ ଜମି ଅଧିଗ୍ରହଣ ହୋଇଥିଲା। ହେଲେ ସେହି ଜମି ଦେଇ ରାସ୍ତା ନିର୍ମାଣ ନ କରି ବନଜାରୀ ନାଳା ପାଖରେ ବଙ୍କିଳ କରାଯାଇଛି। ମାତ୍ର ବଙ୍କିଳ ରାସ୍ତା ଯୋଗୁ ସେଠାରେ ଅଧିକ ଦୁର୍ଘଟଣା ଘଟିବ ଏବଂ ଲୋକେ ମୃତାହତ ହେବା ଆଶଙ୍କା ରହିଛି। ସ୍ମାରକପତ୍ର ପ୍ରଦାନବେଳେ ଫର୍‌ର ଅଧ୍ୟକ୍ଷ ଦେବବ୍ରତ ମିଶ୍ର, ସୁଶାନ୍ତ କୁମାର ଦାଶ, ସତ୍ୟକେତନ ମହାନ୍ତି, ଶେକ୍ ନଜିମୁଦ୍ଦିନ, ଭୀଷ୍ମଦେବ ଦୋରା, ଆନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡଧାରୀ ସତ୍ୟପୀରଙ୍କୁ ସମ୍ବର୍ଦ୍ଧନା


ଜିଲାପାଳ ଗାଭାଲି ପରାଗ ହର୍ଷଦ ସତ୍ୟପୀରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭବାନୀପାଟଣା,୨୮।୭(ଡି.ଏନ.ଏ.)

ସ୍ଥାନୀୟ ଜିଲାପାଳଙ୍କ ସଭାଗୃହଠାରେ ମଙ୍ଗଳବାର ଭାରତର ପଞ୍ଚମ୍ୟାନ୍ ଭାବେ ପରିଚିତ କଳାହାଣ୍ଡିର ସତ୍ୟପୀର ପ୍ରଧାନଙ୍କୁ ଜିଲାପାଳ ଡ ଗାଭାଲି ପରାଗ ହର୍ଷଦ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଗତ ୨୩ ତାରିଖରେ ପ୍ରଧାନ ୧ ମିନିଟରେ ଦୁଇ ହାତରେ ୩୪୮ ଥର ମୁଷ୍ଟି ପ୍ରଘାତ କରି ପୂର୍ବରୁ ସ୍ଲୋଭାକିଆ ଦେଶର ପ୍ରସିଦ୍ଧ ମୁଷ୍ଟିଯୋଦ୍ଧା ପାଭେଲ ରୁଷୋଭଙ୍କ ୩୩୪ ଥର ରେକର୍ଡକୁ ଭାଙ୍ଗି ଗିନିଜ୍ ବିଶ୍ୱ ରେକର୍ଡ ହାସଲ କରିଛନ୍ତି। ପ୍ରଧାନ ପୂର୍ବରୁ ୨୦୧୭ରେ ୧ ମିନିଟରେ ଗୋଟିଏ ହାତରେ ସର୍ବାଧିକ ପ୍ରଘାତ ଏବଂ ୨୦୧୮ରେ ୧ ମିନିଟରେ ୧ କେଜି ଓଜନ ଧରି ଗୋଟିଏ ହାତରେ ସର୍ବାଧିକ ପ୍ରଘାତ ପୂର୍ବକ ଗିନିଜ୍ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି । ଏଥି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସାର୍ଟିଫିକେଟ ଓ 'ମୁଁ ହିରୋ' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପ୍ରଧାନଙ୍କ ପ୍ରେରଣା ଓ ତାଲିମରେ ଓଡିଶା ଏବଂ ରାଜସ୍ଥାନର ୧୦ରୁ ଊର୍ଦ୍ଧ୍ୱ ଯୁବକ, ଯୁବତୀ ବିଶ୍ୱ କିର୍ତ୍ତିମାନ ସ୍ଥାପନ କରିଛନ୍ତି। ଏହି ପ୍ରେରଣାଦ୍ୱାୟୀ କାର୍ଯ୍ୟ ପାଇଁ ତାଙ୍କୁ ମିଳିତ ଜାତିସଂଘ ପକ୍ଷରୁ ଆଇଆଇଟି ଦିଲ୍ଲୀଠାରେ କର୍ମବୀର ଚକ୍ର ପୁରସ୍କାର ପ୍ରଦାନ କରାଯାଇଛି। ଜିଲାପାଳ ତାଙ୍କର କୃତିତ୍ୱକୁ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ କିଭଳି ଜିଲାର ଇଚ୍ଛୁକ ଯୁବତୀଯୁବକ ଏହି କ୍ଷେତ୍ରରେ ଉଚ୍ଚମାନର ପ୍ରଦର୍ଶନ କରିବେ ତା ଉପରେ ତାଲିମ ଦେବା ସହ ଜଲା ପ୍ରଶାସନ ପକ୍ଷରୁ ସମସ୍ତ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ, ସହକାରୀ ଜିଲାପାଳ ଶୁଭଦିପ୍ତା ମହାନ୍ତ, ଜିଲା କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଜିଲା କ୍ରିଡା ଅଧିକାରୀ ଶୁଭାଶିଷ ନାୟକ ସଭା ପରିଚାଳନା କରିଥିଲେ। ଭବାନୀପାଟଣା ସହର ନିକଟ ଦେପୁର ନିବାସୀ ପିତା ଅନିରୁଦ୍ଧ ପ୍ରଧାନ ଓ ମାତା ଶକୁନ୍ତଳାଙ୍କ ସୁପୁତ୍ର ଅଟନ୍ତିସତ୍ୟପୀର ପ୍ରଧାନ।

# ଚାରାରୋପଣ କରି ଯତ୍ନ ନେବାକୁ ଶପଥ


କୁଡାସିଂହାରେ ଚାରାରୋପଣ ଓ ସଚେତନ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା ଓ ଅତିଥି।

ଦେଓଗାଁ,୨୮।୭(ଡି.ଏନ.ଏ.)

ବଲାଙ୍ଗୀର ସଦର ବ୍ଲକ କୁଡାସିଂହା ପଞ୍ଚାୟତ ଅନ୍ତର୍ଗତ କୁଡାସିଂହା ପ୍ରାଥମିକ ଚିକିତ୍ସାଳୟ ଓ ସାପ୍ତାହିକ ବଜାର ପ୍ରାଙ୍ଗଣରେ ବୁଧବାର ସ୍ଥାନୀୟ ମାହେଶ୍ୱରୀ ସଂଗଠନ ତରଫରୁ ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାହେଶ୍ୱରୀ ସଂଗଠନ କୁଡାସିଂହା ଶାଖା ସଭାପତି ଲୋକନାଥ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିଭାବେ ବିଡିଓ ରାମଦତ୍ତ ଭୋଇ, ଜିଲା ଟାଙ୍ଗିଆ ଜାମର ମୁଖ୍ୟ ପରିଚାଳକ ଗୋପାଳ ହୋତା, ବଲାଙ୍ଗୀର ମାହେଶ୍ୱରୀ ସଂଗଠନ ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ, ସଭାପତି ଶୋଭନ ଅଗ୍ରୱାଲ, ମହିଳା ଶାଖା ସଂଯୋଜିକା ସୋନିଆ ବେଜ ଯୋଗଦେଇ ଚାରାରୋପଣର ଉପକାରିତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସଂଗଠନ ଉପଦେଷ୍ଟା ବିଜୟ କୁମାର ସାହୁ, ସୁରେନ୍ଦ୍ର ନାଥ, ନାରାୟଣ ନାଥ, ହରେକୃଷ୍ଣ ସାହୁ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଗଛ ଲଗାଇବାର ଆବଶ୍ୟକତା ଉପରେ ମତ ରଖିଥିଲେ । ପରେ ଚିକିତ୍ସାଳୟ ପରିସର ଓ ସାପ୍ତାହିକ ବଜାର ପାର୍ଶ୍ୱରେ ଚାରାରୋପଣ କରିବା ସହ ତାର ଉପଯୁକ୍ତ ଯତ୍ନ ନେବା ପାଇଁ କର୍ମକର୍ତ୍ତାମାନେ ଶପଥ ନେଇଥିଲେ। କାର୍ଯ୍ୟକ୍ରମକୁ ଚିକିତ୍ସାଧିକାରୀ ସୌମ୍ୟପ୍ରତୀକ ଦୋରା, ଫାର୍ମାସିଷ୍ଟ ମୋତିଲାଲ ସାହୁ, ସଂଗଠନ ସଂଯୋଜକ ମନୋରଞ୍ଜନ ଝାଙ୍କର, ମହିଳା ଶାଖା ସଂଯୋଜିକା ଇନ୍ଦିରାପ୍ରିୟଦର୍ଶିନୀ ନାଥ ପ୍ରମୁଖ ସହଯୋଗ କରିଥିଲେ ।

# ଇ-ଶକ୍ତି ପ୍ରକଳ୍ପର ଯୋଜନା ପ୍ରସ୍ତୁତି ବୈଠକ

କର୍ଲାମୁଣ୍ଡା,୨୮।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଆଇସିଡିଏସ କାର୍ଯ୍ୟାଳୟଠାରେ ବୁଧବାର ଇ-ଶକ୍ତି ପ୍ରକଳ୍ପର ସମୀକ୍ଷା ଓ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରକଳ୍ପର ଏନିମେଟରମାନଙ୍କ ଅଂଶ ଗ୍ରହଣରେ ମିଶନ ଶକ୍ତି ବିପିସି ବିପିନ ବାରିକ ଓ ମହଶକ୍ତି ଫାଉଣ୍ଡେଶନର ଜ୍ୟୋତିଷ ନାଏକ ଉପସ୍ଥିତ ରହି ଏସଏଚଜି ପ୍ରୋଫାଇଲ, କ୍ରେଡିଓ ଲିଙ୍ଗଏଜ୍ ଇତ୍ୟାଦି ଉପରେ ଆଲୋଚନା କରିଥିଲେ।

# ଶିକ୍ଷାର ବିକାଶ ପାଇଁ ସ୍କୁଲ ରୂପାନ୍ତରଣ

ବରଗଡ଼ ଅଫିସ୍,୨୮।୭

ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ବହୁବିଧ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେଥିମଧ୍ୟରୁ ସ୍କୁଲ ରୂପାନ୍ତରଣ ପ୍ରକ୍ରିୟା ଅନ୍ୟତମ। ଏହି ଯୋଜନାର ସଫଳତା ଜନସାଧାରଣଙ୍କ ହାତରେ ଏବଂ ଏହା ଏକ ସାମାଜିକ ଆହ୍ୱାନ। ବୁଧବାର ବରଗଡ଼ ବ୍ଲକ ଗୋବିନ୍ଦପୁର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ଦେବେଶ ଆଚାର୍ଯ୍ୟ ଏହା କହିଛନ୍ତି। ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ଆହୁରି ଅନେକ ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ସ୍କୁଲ ରୂପାନ୍ତରଣ ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ, ବିଡ଼ିଓ ଯୁଧିଷ୍ଠିର ମେହେର, ବିଭାଗୀୟ ଯନ୍ତ୍ରୀ ନାଗାର୍ଜୁନ ପ୍ରଧାନ, ସରୋଜ ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିରେଖା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନବୀନ ସାବତ ସ୍କୁଲର ପରୀକ୍ଷାଫଳ ଉପରେ ସୂଚନା ଦେଇଥିଲେ। ଅଭିଭାବକ ନିତ୍ୟାନନ୍ଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।


ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ବିଧାୟକ ଦେବେଶ ଆଚାର୍ଯ୍ୟ ବକ୍ତବ୍ୟ ରଖୁଛନ୍ତି ।

# ଆବାସ ଗୃହ ପାଇଁ ଜିଲାପାଳଙ୍କୁ ଫେରାଦ

ବରଗଡ଼ ଅଫିସ୍,୨୮।୭

ବରଗଡ଼ ବ୍ଲକ ବରଡ଼ୋଲ ପଞ୍ଚାୟତ ଅନ୍ତର୍ଗତ ନଦୀପଡ଼ା(ଡାଙ୍ଗ)ବାସୀଙ୍କୁ ସରକାରଙ୍କ ଗୃହ ନିର୍ମାଣ ଯୋଜନାର ସୁଫଳ ମିଳୁ ନାହିଁ। ଏଭଳି ଅଭିଯୋଗ ନେଇ ପଡ଼ାର ଅନେକ ହିତାଧିକାରୀ ବୁଧବାର ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି, ଆବାସ ଗୃହ ପାଇଁ ସ୍ଥାନୀୟ ପଞ୍ଚାୟତ ଅଫିସଠାରୁ ଆରମ୍ଭ କରି ବ୍ଲକ ଅଫିସ ପର୍ଯ୍ୟନ୍ତ ଧାଁ ଧପଡ଼ ହୋଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳି ନଥିବା ପଡ଼ାର ଅନେକ ହିତାଧିକାରୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଭଙ୍ଗା ଦଦରା ମାଟିଘରେ ସେମାନେ ବିପଦପୂର୍ଣ୍ଣଭାବେ ଜୀବନ ଅତିବାହିତ କରୁଛନ୍ତି। ଫଳରେ ପଡ଼ାର ସମସ୍ତ ହିତାଧିକାରୀଙ୍କୁ ଆବାସ ଗୃହ ଯୋଗାଇବା ଦିଗରେ ବିହିତ ପଦକ୍ଷେପ ନେବାକୁ ପଡ଼ାବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ରାଜକୁମାର ବନଛୋର, ରାମଚରଣ ଦୁଆରୀ, ବାସମତୀ ବନଛୋର, ପୂଜାରାଣୀ ବୁଡ଼େକ ପ୍ରମୁକ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିଲେ।

# ଅଭିଯୋଗର ତଦନ୍ତ କଲେ ଏବିଡିଓ

ସଇଁତଲା, ୨୮।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତ ଅନ୍ତର୍ଗତ ମେରାବାହାଲ ଗ୍ରାମର ବିଜାମୁଣ୍ଡା ପୋଖରୀ ଉନ୍ନତୀକରଣ କାମ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ହୋଇଛି। ତେବେ କାମ ନ କରି ମଧ୍ୟ କେତେକ ଶ୍ରମିକଙ୍କ ବ୍ୟାଙ୍କ ଖାତାରେ ଟଙ୍କା ଜମା ହୋଇଥବା ଅଭିଯୋଗ ହୋଇଥିଲା। ଅଭିଯୋଗର ଚାରିଦିନ ପରେ ବୁଧବାର ଘଟଣାସ୍ଥଳକୁ ଯାଇ ଏହାର ତଦନ୍ତ କରିଛନ୍ତି ଏବିଡ଼ିଓ ପ୍ରଦୀପ ପଟ୍ଟନାୟକ। ତଦନ୍ତ ସମୟରେ ଅଭିଯୋଗକାରୀ କହିଥିଲେ ଯେ, ମେରାବାହାଲ ଗ୍ରାମ ପୋଖରୀ ଉନ୍ନତୀକରଣ ହୋଇନାହିଁ। ଅଥଚ ସେମାନଙ୍କ ବ୍ୟାଙ୍କ ଖାତାରେ କାମ ବାବଦ ଟଙ୍କା ଜମା ହୋଇଥିବା ନେଇ କେତେକ ଶ୍ରମିକଙ୍କ ଏବିଡ଼ିଓ ପଟ୍ଟନାୟକଙ୍କୁ କାଗଜାତ୍ ଦେଖାଇଥିଲେ। ଗାଁ ସାଥୀ ନିଜର କେତେକ ପରିଚିତଙ୍କ ନାମରେ ପ୍ରତ୍ୟେକ ୧୨୬୩ ଟଙ୍କା ଲେଖାଏ ପକାଇଛନ୍ତି। ପରେ ଭୁଲରେ ତୁମ ଖାତାରେ ଟଙ୍କା ଜମା ହୋଇଛି, ଉଠାଇ ଦେବା ପାଇଁ ଗା ସାଥୀ କହିଥିବା


ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି ଏବିଡ଼ିଓ ପ୍ରଦୀପ ପଟ୍ଟନାୟକ।

**କାମ କରି ନ ଥିବା ଶ୍ରମିକଙ୍କ ଖାତାରେ ଟଙ୍କା ଜମା ଘଟଣା**

ସେମାନେ ଏବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଖାଲି ସେତିକି ନୁହେଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ ମଧ୍ୟ ଏହି ଦୁର୍ନୀତିରେ ସାମିଲ ଥିବା ସେମାନେ ଅଭିଯୋଗ କରିଥିଲେ। ଏ ନେଇ ଏବିଡ଼ିଓ ପଟ୍ଟନାୟକଙ୍କୁ ପଚାରିବାରୁ ଘଟଣାସ୍ଥଳ ପରିଦର୍ଶନ କରିଛି। ତଦନ୍ତ ରିପୋର୍ଟ ବିଡ଼ିଓଙ୍କୁ ପ୍ରଦାନ କରିବି ବୋଲି କହିଥିଲେ। ଅନ୍ୟପକ୍ଷରେ ଅଭିଯୋଗକାରୀଙ୍କୁ ଫୋନ ଯୋଗେ ଧମକ ଚମକ ଦିଆଯାଉଥିବାର ଏକ ଅଡ଼ିଓ ଭାଇରାଲ ହୋଇଛି। ମେରାବାହାଲର ଶଙ୍କର ରଣା, ଗୋବିନ୍ଦ ପରାଭୁଏ, ଲଛମନ ଭୁଏ, ବୃନ୍ଦାବନ ମିର୍ଦ୍ଧା, ସୁଶାନ୍ତ ରଣା, ମଧୁ ରଣା ଓ ଦୟା କଠାର ବିଜାମୁଣ୍ଡା ପୋଖରୀ ଉନ୍ନତୀକରଣ ଏବଂ ରାସ୍ତା କାମ ନ କରି ତାଙ୍କ ଖାତାରେ ଟଙ୍କା ପଡ଼ିଥିବା ନେଇ ବିଡିଓଙ୍କ ନିକଟରେ ଗତ ୨୩ତାରିଖ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରିବାକୁ ଏବିଡ଼ିଓ ପ୍ରଦୀପ ପଟ୍ଟନାୟକଙ୍କୁ ବିଡ଼ିଓ ଦେବାଶିଷ ସାମଲ ନିର୍ଦ୍ଦେଶ ଦେଇଥିଲେ।

## ନବଜାତ ଶିଶୁ ନାଭିରେ ମାଂସ ପିଣ୍ଡୁଳା

ନୂଆପଡ଼ା ଅଫିସ: ନୂଆପଡା ଜିଲା ଖଡିଆଳ ମିଶନ ହସ୍ପିଟାଲରେ ବୁଧବାର ଭୋର ୪.୧୦ ମିନିଟରେ ଏକ ନବଜାତ ଶିଶୁ ଜନ୍ମ ହୋଇଛି। ତାଙ୍କ ନାଭିରୁ ମାଂସ ପିଣ୍ଡୁଳା ବାହାରିଥିବା ଜଣାପଡିଛି। ଖଡିଆଳ ବ୍ଲକ ତୁକଲା ପଞ୍ଚାୟତ ଖଇରଭାଡି ଗାଁର ଜଣେ ମହିଳା ଏହି ଶିଶୁ ଜନ୍ମ ଦେଇଛନ୍ତି। ଶିଶୁର ଓଜନ ୨.୫ କିଲୋଗ୍ରାମ ରହିଛି। ତାଙ୍କୁ ଶିଶୁ ଓ ମା' ପ୍ରଯତ୍ନ କେନ୍ଦ୍ର ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଶିଶୁର ପରୀକ୍ଷା କରି ଉଚ୍ଚସ୍ତର ଚିକିତ୍ସା ପାଇଁ ବଲାଙ୍ଗୀର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

## ସଂକ୍ଷେପରେ

### ଡାକ୍ତରଖାନା କର୍ମଚାରୀଙ୍କ ଆତ୍ମହତ୍ୟା

ଜୁନାଗଡ,୨୮।୭(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ଡାକ୍ତରଖାନାରେ କାର୍ଯ୍ୟରତ ଜଣେ କର୍ମଚାରୀ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ଚନ୍ଦ୍ର ଶେଖର ନାଏକ (୫୫)। ସେ ଦୀର୍ଘବର୍ଷ ହେବ ଏହି ଡାକ୍ତରଖାନାରେ ୱାଟରମେନ୍ ଭାବେ କାର୍ଯ୍ୟ କରୁଥିଲେ। ନିଜ ସରକାରୀ ବାସଭବନରେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ବୁଧବାର ସକାଳୁ ଦେଖିବାକୁ ମିଳିଥିଲା। ଖବର ପାଇ ଜୁନାଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୦୨୧) ରୁଜୁ ହୋଇଥିବା ଜୁନାଗଡ ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁ ପ୍ରକାଶ କରିଛନ୍ତି।

### ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଚାରାରୋପଣ

ଗୋଲାମୁଣ୍ଡା,୨୮।୭(ଡି.ଏନ.ଏ.): କରୋନା ମହାମାରୀ ଯୋଗୁ ସମସ୍ତ ସ୍କୁଲ ଓ ପାଠପଢା ବନ୍ଦ ଥିବା ବେଳେ ସୋମବାର ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଦଶମ ଓ ଦ୍ୱାଦଶ ପାଠପଢା ଆରମ୍ଭ ହୋଇଥିଲା। ବୁଧବାର ଜଳବାୟୁ ପରିବର୍ତ୍ତନ ଓ ସୁସ୍ଥ ପରିବେଶ ପାଇଁ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଦ୍ୱାରା ଭାରତ ସରକାରଙ୍କ ଯୁବ ବ୍ୟପାର ଓ କ୍ରୀଡା ମନ୍ତ୍ରାଳୟ ପକ୍ଷରୁ ବୁଧବାର ଗୋଲାମୁଣ୍ଡା ବ୍ଲକ ମାଂଝେରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସାମାଜିକ କର୍ମୀ ରାହୁଲ ତାଣ୍ଡି ଓ ରଶ୍ମିତା ମାଝି ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦୁଇ ସାମାଜିକ କର୍ମୀ ଛାତ୍ରୀଛାତ୍ରମାନଙ୍କୁ ବୃକ୍ଷ ପୃଥିବୀ ପାଇଁ କେତେ ମହତ୍ୱ ସେଗୁଡିକ କହିଥିଲେ । ଚାରା ରୋପଣ କରିବା ଦ୍ୱାରା ଜଳବାୟୁ ପରିବର୍ତ୍ତନ ହେବା ସହ ସବୁଜ ସୁନ୍ଦର ପରିବେଷ ସୃଷ୍ଟି ହୋଇଥାଏ ବୋଲି ସମସ୍ତଙ୍କୁ ବୁଝାଇ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ମାଂଝେରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ସଦାନନ୍ଦ ପ୍ରଧାନ ଓ ଏସ.ଏ କେ. ସଭାପତି ସମୀର ସାହୁ, ହେମନ୍ତ ବୋଡ଼କିଆ, ଛବିଲାଲ ତାଣ୍ଡି, ଭୁପେନ ସାହୁ, ଆରାମ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ପୋଖରୀ ନିଲାମ ବନ୍ଦ ଦାବି କଲେ ଧରମପୁରବାସୀ

ନୂଆପଡ଼ା ଅଫିସ,୨୮।୭

**ଉପଜିଲାପାଳଙ୍କୁ ଦାବିପତ୍ର**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ପଞ୍ଚାୟତ ଧରମପୁର ଗ୍ରାମବାସୀ ଗାଁ ପୋଖରୀ ନିଲାମ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଏ ନେଇ ବୁଧବାର ଉପଜିଲାପାଳ ତରଣୀ ସେନ ନାଏକଙ୍କୁ ଗ୍ରାମବାସୀ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୪ ୱାର୍ଡ ବିଶିଷ୍ଟ ଧରମପୁର ଗାଁରେ ୧ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ରହିଥିବା ବେଳେ ଗୋଟିଏ ମାତ୍ର ପୋଖରୀ ରହିଛି। ସେହି ପୋଖରୀରେ ଗାଁ ଲୋକେ ନିର୍ଭର କରନ୍ତି। ପଞ୍ଚାୟତ ପକ୍ଷରୁ ପ୍ରତି ୨ ବର୍ଷରେ ଥରେ ନିଲାମ କରି ମାଛ ଚାଷ କରାଯାଉଛି। ସେଥିରେ ମାଛ ବଢିବା ପାଇଁ ଅଳିଆ ଅବର୍ଜନା ଦିଆଯାଉଛି। ପୋଖରୀ ସଫା କରା ଯାଉ ନ ଥିବାରୁ ଦଳପୂର୍ଣ୍ଣ ହୋଇରହିଛି। ପାଣି ସ୍ୱଚ୍ଛ ଓ ନିର୍ମଳ ରହୁନାହିଁ। ସବୁବେଳେ ଗୋଳିଆ ରହୁଛି। ସେହି ପାଣି ଗାଧୋଇବା ଦ୍ୱାରା ଗ୍ରାମବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବାରୁ ଏହାକୁ ବିରୋଧ କରି ନିଲାମ ନ କରିବା ପାଇଁ ଉପଜିଲାପାଳଙ୍କଠାରେ ଦାବି କରିଛନ୍ତି । ଗାଁରେ ୪ଟି ନଳକୂଅ ରହିଛି। ସେଥି ମଧ୍ୟରୁ ଶବରପଡା ନଳକୂଅରେ ଲାଲ ରଙ୍ଗର ପାଣି ବାହାରୁ ଥିବା ବେଳେ ମଧ୍ୟ ଭାଗରେ ଥିବା ନଳକୂଅ ଖରାପ ହୋଇଯାଇଛି। ପ୍ରହରିଆପଡା ଓ ଯଜ୍ଞବେଦୀଠାରେ ଥିବା ନଳକୂଆରେ ଅଳ୍ପ ପାଣି ବାହାରୁ ଥିବାରୁ ତାହା ଯଥେଷ୍ଟ ହେଉନାହିଁ। ଦୀର୍ଘବର୍ଷ ହୋଇଥିଲେ ମଧ୍ୟ ଫ୍ଲୋରାଇଡ ପରୀକ୍ଷା କରାଯାଇନାହିଁ ଫ୍ଲୋରାଇଡ ପରୀକ୍ଷା କରିବା ଓ ପୋଖରୀ ନିଲାମ ନ କରିବା ପାଇଁ ୱାର୍ଡମେମ୍ବର ମାଧବ ମାଝି, ଲଳିତ ଖର୍ସେଲ, ଭୁବନେଶ୍ୱର କଟା, ଲାଲମନ ଖର୍ସେଲ, ରମେଶ କଟା, ଜୟକୃଷ୍ଣ ଖର୍ସେଲ, ଓମ ପ୍ରକାଶ କେତକି, ରାମଲାଲ ଖର୍ସେଲ, ରବୀନ୍ଦ୍ର ହଂସ, ଗିତା କଟା, ରୁକ୍ମଣି ବାଗ, ଲବଙ୍ଗଲତା ବାଗ, ଦ୍ରୋପତି ଖର୍ସେଲ, ବିଲାସିନି ଖର୍ସେଲ, ଜଗଦୀଶ ବନଛୋର ପ୍ରମୁଖ ଗ୍ରାମବାସୀ ଦାବିକରିଛନ୍ତି।

# ବର୍ଷାରେ ଘରକୁ ପଶିଲା ନର୍ଦ୍ଦମାପାଣି


ନର୍ଦ୍ଦମାପାଣି ଘର ସମ୍ମୁଖରେ ଭର୍ତ୍ତି ହୋଇଛି।

ଖଡିଆଳ, ୨୮।୭ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ୱାର୍ଡ ନଂ. ୧୦ରେ ଥିବା ଅନେକ ଗରିବ ଶ୍ରେଣୀର ଲୋକଙ୍କ ଘରକୁ ପଶୁଛି ସହରର ନର୍ଦ୍ଦମା ପାଣି। ଫଳରେ ଘର ଭାଙ୍ଗିବାରେ ଭୟ ସୃଷ୍ଟି କରୁଛି। ଲୋକଙ୍କୁ ଘରରେ ରହିବା ଅତି କଷ୍ଟକର ସାଧ ହୋଇପଡିଛି। ଖଡିଆଳ ୱାର୍ଡ ନଂ. ୧୦ରେ ବାସ କରୁଥିବା କେତେକ ଗରିବ ପରିବାର ଏଭଳି ଅଭିଯୋଗ କରିଛନ୍ତି। ଖଡିଆଳ ୱାର୍ଡ ନଂ. ୧୦ ହେଉଛି ସହରର ତଳିଅଂଶ। ଯାହାକି ସହରରେ ଦୁଇ ପାର୍ଶ୍ୱରେ ନାଳ ରହିଛି। ଏହି ନାଳର ବହୁଥିବା ସହର ନର୍ଦ୍ଦମା ପାଣି ନିଷ୍କାସନ ନ ହୋଇ ତଳ ମୁହାଁ ହୋଇ ଖଡିଆଳ ଲକ୍ଷ୍ମୀ ଚୌକଠାରେ ଜମା ହୋଇ ଏକ ନାଳ ମାଧମରେ ଇଣ୍ଡିଆନ୍ ଗ୍ୟାସ ଗୋଦାମ ପାଖରେ ଜମା ହୋଇ ତାହାର ପାର୍ଶ୍ୱରେ ଥିବା ଘରଗୁଡିକୁ ପଶିବାରେ ଲାଗିଛି। ଫଳରେ ଏହି ପରିବାର ଲୋକେ ଘରରେ ନ ରହି ଅନ୍ୟତ୍ର ରହିବାକୁ ପଡୁଛି । ଏପରି ସ୍ଥଳେ ଖଡିଆଳ ବିଜ୍ଞାପିତ ଅଞ୍ଚଳକୁ ବାରମ୍ବାର ଅଭିଯୋଗ କଲାପରେ ମଧ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଏହାର ସମାଧାନ ତଥା ଏହି ପାଖରେ ନାଳ ତିଆରି କରାଇ ସହରର ନର୍ଦ୍ଦମା ପାଣିକୁ ନିଷ୍କାସନ କରିବାକୁ ୱାର୍ଡ ନଂ. ୧୦ରେ ଥିବା ଖୁସିରାମ ଭୋଇ, ଉମାକାନ୍ତ ଠେଲା, ଭଗବାନ ଶବର, ବିମଳ ଶବର, ଚିନ୍ତାମଣି ଭୋଇ, ନବୀନ କୁମାର ସାହୁ, ପ୍ରବୀଣ ସାହୁ, ରଜନୀବନ୍ଧୁ ଯୋଶୀ, ଚନ୍ଦନ ସାହୁ, ରାଧାମୋହନ ମହାନ୍ତି, ଗଜିନ୍ଦ୍ର ଭୋଇ, ଜିତେନ୍ଦ୍ର ଭୋଇ, ଶାନ୍ତିଲତା ମିଶ୍ର ପ୍ରମୁଖ ପ୍ରଶାସନ ପାଖରେ ଅନୁରୋଧ କରିଛନ୍ତି ।

# ବିଜେଡି ହେବିୱେଟ ନେତାଙ୍କ କୋକସରା ବ୍ଲକ ଗସ୍ତ

କୋକସରା,୨୮।୭(ଡି.ଏନ.ଏ.)



ବିଜେଡି କର୍ମୀ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

- ଟୋକନ, ଧାନ ବିକ୍ରି ସମସ୍ୟା ଉପସ୍ଥାପନ
- ଦଳୀୟ କର୍ମୀଙ୍କୁ ଦେଲେ ଗୁରୁମନ୍ତ୍ର

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ବିଭିନ୍ନ ରାଜନୈତିକ ଦଳ ପ୍ରସ୍ତୁତି ଚଳାଇଛନ୍ତି। ଏହା ମଧରେ ବିଜେଡି ପଞ୍ଚାୟତ ନିର୍ବାଚନକୁ ନେଇ ରଣକୌଶଳ ଆରମ୍ଭ କରିଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ବୁଧବାର ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓ କଳାହାଣ୍ଡି ଜିଲା ପର୍ଯ୍ୟବେକ୍ଷକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଧର୍ମଗଡ ନିର୍ବାଚନ ମଣ୍ଡଳୀ ଅଧୀନ କୋକସରା ବ୍ଲକ ଗସ୍ତ କରିଥିଲେ। ବ୍ଲକ ନିୟନ୍ତ୍ରିତ ବଜାର କମିଟି ମଣ୍ଡି ପରିସରରେ ଆୟୋଜିତ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ। ଧର୍ମଗଡ ନିର୍ବାଚନ ମଣ୍ଡଳୀ ଅଧୀନ ଧର୍ମଗଡ, କଳମପୁର ଓ କୋକସରା ବ୍ଲକ ଦଳୀୟ ବ୍ଲକ ସଭାପତି ଓ ପଞ୍ଚାୟତ ସଭାପତିଙ୍କ ସହ ଦଳୀୟ ସ୍ଥିତି ଓ ଆଗକୁ ହେବାକୁଥିବା ପଞ୍ଚାୟତ ନିର୍ବାଚନ ନେଇ ଆଲୋଚନା କରିଛନ୍ତି। ଅଞ୍ଚଳର ସମସ୍ୟା ଓ ନିରାକରଣ ସହ ରାଜ୍ୟ ସରକାରଙ୍କ ଜନହିତାକାରୀ ଯୋଜନା ବିଷୟରେ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଛନ୍ତି। ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ଦଳୀୟ କର୍ମୀ ସମ୍ମିଳନୀରେ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସ୍ୱାସ୍ଥ୍ୟମନ୍ତ୍ରୀ ଦାସ, ଧର୍ମଗଡ ବିଧାୟକ ମୌଷଧି ବାଗ ଓ ଗୋବର୍ଦ୍ଧନ ଦାସ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଧର୍ମଗଡ, କଳମପୁର ଓ କୋକସରା ବ୍ଲକରୁ ଯୋଗଦେଇଥିବା କର୍ମକର୍ତ୍ତାମାନେ ଧର୍ମଗଡ ଉପଖଣ୍ଡରେ ମଣ୍ଡିରେ ଟୋକନ ଓ ଧାନ ବିକ୍ରି ବିଭିନ୍ନ ସମସ୍ୟା ନେଇ ରାଜ୍ୟ ବିଜେଡି ସଙ୍ଗଠନ ନେତୃବୃନ୍ଦଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଜିଲାର ସବୁ ସମସ୍ୟା ଉପରେ ମନ୍ତ୍ରୀ ଓ ବିଧାୟକମାନେ ସରକାରଙ୍କ ନିକଟରେ ଉପସ୍ଥାପନ କରୁଛନ୍ତି। ସବୁ ସମସ୍ୟା ପର୍ଯ୍ୟାୟକ୍ରମେ ସମାଧାନ କରାଯାଉଛି ବୋଲି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ଉପସ୍ଥିତ ନେତାମାନେ କହିଥିଲେ। କର୍ମୀ ସମ୍ମିଳନୀରେ କୋକସରା ବ୍ଲକ ବିଜେଡି ସଭାପତି ସୁଶାନ୍ତ କୁମାର ବେହେରା, କଳମପୁର ବ୍ଲକ ସଭାପତି ନବୀନ ପଣ୍ଡା, ଧର୍ମଗଡ ବ୍ଲକ ସଭାପତି ଟିକମନ ବାରିକ, କୋକସରା ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ଧର୍ମଗଡ ବିଧାୟକ ପ୍ରତିନିଧି ସ୍ୱାଧିନ ବାଗ, ବରିଷ୍ଠ ବିଜେଡି ନେତା ପର୍ଶୁରାମ ପ୍ରଧାନି, ଆଦିବାସୀ ଯୁବ ନେତା ରତୁରାଜ ମାଝି, ନାରୀନେତ୍ରୀ କଲ୍ୟାଣି ନାଏକ, ଅଶୋକା ନାଏକ, ଧର୍ମଗଡ ପୂର୍ବତନ ଏନଏସସି ଅଧକ୍ଷା ହୀରା ବାଗ, ଜିଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ସଭାପତି ଅବିନାଶ ଠାକୁରଙ୍କ ସମେତ କୋକସରା, କଳମପୁର ଓ ଧର୍ମଗଡ ବ୍ଲକର ଅନେକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କୋଭିଡ୍ ଯୋଦ୍ଧାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ

ନୂଆପଡ଼ା ଅଫିସ,୨୮।୭

ନୂଆପଡା ଜିଲା ସିନାପାଲି ବ୍ଲକ ସୀମାନ୍ତ କୁସୁମଯୋର ପଞ୍ଚାୟତ କରୋନା ଟିକାକରଣ ଅଭିଯାନରେ ଶତ ପ୍ରତିଶତ ଟିକା ନେବାରେ ସଫଳ ହାସଲ କରିଥିବାରୁ ପଞ୍ଚାୟତ କୋଭିଡ୍ ଯୋଦ୍ଧାମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଛି। ସିନାପାଲ ବ୍ଲକ କୁସୁମଯୋର ପଞ୍ଚାୟତ କୋଭିଡ୍ ଯୋଦ୍ଧାମାନଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଉଦ୍ୟମରେ ଆଜି ଶତ ପ୍ରତିଶତ ଟିକା କରଣରେ ସଫଳତା ମିଳିଛି। କୋଭିଡ୍ ଯୋଦ୍ଧାମାନଙ୍କ ଉଦ୍ୟମ ଏବଂ ଜିଲା ପ୍ରଶାସନର ସହଯୋଗରେ ୧୮ରୁ ୪୪ ଓ ୪୫ରୁ ଉର୍ଦ୍ଧ୍ୱ ବୟସ ନାଗରିକଙ୍କୁ ଟିକା ଦିଆଯାଇଥିଲା। କୁସୁମଯୋର ପଞ୍ଚାୟତରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବୁଧବାର କୋଭିଡ୍ ଯୋଦ୍ଧାମାନଙ୍କୁ ସମ୍ମାନିତ କରାଯାଇଛି। ଏହି ଉତ୍ସବରେ ଜିଲାପାଳ ସ୍ୱାଧାଦେବ ସିଂ, ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଜିଲା ପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସରପଞ୍ଚ ଉଦିତ ପ୍ରତାପ ସିଂ, ନିର୍ବାହୀ ଅଧିକାରୀ ସତ୍ୟ ମାଝି, ଆଶା ଟିଙ୍କିନ ମାଝି, ଉର୍ମିଳା ବଞ୍ଜାରା, ଜାହ୍ନବୀ ମାଝି, ସିତୟା ନାୟକ, ତାରାକାନ୍ତ ଦାସ, ଭେସୈରବ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗକୁ ମଧ୍ୟ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟରେ ସଫଳତା ହାସଲ କରି ଲୋକଙ୍କୁ ଉଚିତ ସେବା ଯୋଗାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ପୂର୍ବତନ ବିଧାୟକ ମହେଶ୍ୱର ନାୟକ ପାଠାଗାର ଭୂମିପୂଜନ

ଭବାନୀପାଟଣା, ୨୮।୭ (ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ରିଷିଗାଁଠାରେ ବୁଧବାର ଉତ୍କଳ ଯାଦବ ମହାସଭା ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ମହେଶ୍ୱର ନାୟକଙ୍କ ପାଠାଗାର ପ୍ରତିଷ୍ଠା ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ସଙ୍ଗଠନ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ସମ୍ମାନିତ ଅତିଥି ଭାବେ ଶକ୍ତିମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ର, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ଧର୍ମଗଡ ବିଧାୟକ ମୌଷଧି ବାଗ, ପୂର୍ବତନ ମନ୍ତ୍ରୀ ତଥା ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଯୋଗଦେଇ ଜିଲାର ଯାଦବମାନଙ୍କ ବିକାଶ ପାଇଁ ଆଗାମୀ ଦିନରେ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ମନ୍ତ୍ରୀ ମିଶ୍ରଙ୍କ ଉଦ୍ୟମରେ ଭବାନୀପାଟଣାଠାରେ ଜିଲାସ୍ତରୀୟ ଯାଦବ ଭବନ ଓ ପୂର୍ବତନ ବିଧାୟକ ମହେଶ୍ୱର ନାୟକଙ୍କ ପାଠଗାର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ ଡିସମିଲ ଜାଗା ପ୍ରଦାନ କରାଯାଇଛି। ସେହିପରି ଅତିଶିଘ୍ର ଯାଦବ ଭବନ ଓ ପୂର୍ବତନ ବିଧାୟକ ମହେଶ୍ୱର ନାୟକଙ୍କ ପାଠଗାର ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦିଆଯିବ ବୋଲି ମୁଖ୍ୟଅତିଥି ଦାସ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ଯାଦବ ମହାସଭା ସଭାପତି ଟିଙ୍କୁନ ନାଗ, ଉତ୍କଳ ଯାଦବ ମହାସଭା ସାଧାରଣ ସମ୍ପାଦକ କିର୍ତ୍ତନ ନାଏକ, ବିଜେଡି ଓବିସି ସେଲ୍ ଜିଲା ସଭାପତି ମହେନ୍ଦ୍ର ନାଏକ, କାମଚଲା ଜିଲା ସଭାପତି ଅରୁପାନନ୍ଦ ନାଗ, ଉତ୍କଳ ଯାଦବ ମହାସଭା ସଭାନେତ୍ରୀ ସୁଶ୍ରୀ ଶୁଭଲକ୍ଷ୍ମୀ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କୋକସରା ବ୍ଲକ ସମ୍ପାଦକ ଅଲେଖ ଗୋପାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।


ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଗଣ।

# ପୁନଃ ଥଇଥାନର ପ୍ରତିଶ୍ରୁତି ଦେଲା ପ୍ରଶାସନ

ନବରଙ୍ଗପୁର,୨୮।୭(ବି.ପ୍ର.)

ନବରଙ୍ଗପୁର ଜିଲା ସୀମାନ୍ତ କଳାହାଣ୍ଡି ଜିଲା ଭଡ଼ାପାଣି ଓ ଡୁମରପାଣି ଗ୍ରାମର ୩୫ ଆଦିବାସୀ ପରିବାରକୁ ମରଣାନ୍ତକ ଆକ୍ରମଣ କରି ବିତାଡ଼ିତ କରିବା ଓ ଘର ଭାଙ୍ଗିବା ଘଟଣାରେ କଳାହାଣ୍ଡି ଓ ନବରଙ୍ଗପୁର ପ୍ରଶାସନ ପକ୍ଷରୁ ମିଳିତ ଆଲୋଚନା ହୋଇଛି। କଳାହାଣ୍ଡି ଜିଲାର ଏକ ଜଙ୍ଗଲର ଏହି ୨ ଗ୍ରାମର ୩୫ ପରିବାରକୁ ଆମ୍ପାଣି ଥାନା ଗୋଟୋମୁଣ୍ଡା ଗ୍ରାମବାସୀ ମରଣାନ୍ତକ ଆକ୍ରମଣରେ ଭୟଭୀତ ହୋଇ ଗ୍ରାମର ପୁରୁଷ ମହିଳା ଓ ଶିଶୁ ସେଠାରୁ ଚାଲି ଆସି ନବରଙ୍ଗପୁର ଜିଲାର ଚନ୍ଦାହାଣ୍ଡି ଜଙ୍ଗଲ ଓ ବିଦ୍ୟାଳୟରେ ଆଶ୍ରୟ ନେଇଥିବା ଘଟଣାର ବୁଧବାର ଅନ୍ତ ଘଟିଛି। ନବରଙ୍ଗପୁର ଜିଲାପାଳଙ୍କ ଅନୁରୋଧ କ୍ରମେ କଳାହାଣ୍ଡି ଜିଲାପାଳଙ୍କ ନିର୍ଦ୍ଦେଶରେ ନବରଙ୍ଗପୁର ଜିଲାପାଳ ଅଶୋକ ମେହେଟ୍ଟାଙ୍କ ସମ୍ମିଳନୀ କକ୍ଷରେ ହୋଇଥିବା ବୈଠକରେ ନିଷ୍ପତ୍ତି ଅନୁଯାୟୀ, ଉକ୍ତ ଆଦିବାସୀ କଳାହାଣ୍ଡିର ଯେଉଁ ଜାଗାରେ ରହୁଥିଲେ ସେଠାରେ ହିଁ ରହିବେ। ଉପଯୁକ୍ତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯିବ ଏବଂ ସେମାନଙ୍କୁ ଘର, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ। ଜଙ୍ଗଲ କଟିବେ ନାହିଁ ଏବଂ ଜଙ୍ଗଲ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଧର୍ମଗଡ଼ ଉପ ଜିଲାପାଳ ସଚିନ ପ୍ରକାଶ, କୋକସରା ଥାନାଧିକାରୀ କୃଷ୍ଣଚନ୍ଦ୍ର ସ୍ୱାଇଁ, କଳାହାଣ୍ଡି ବନଖଣ୍ଡ ଅଧିକାରୀଙ୍କ ସମେତ ଭଡାପାଣି ଏବଂ ଡୁମେରପାଣିର କିଛି ଗ୍ରାମବାସୀ ଉପସ୍ଥିତ ଥିଲେ।

# କିଡ୍‌ନୀ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି


ଖଡିଆଳ ଉପଖଣ୍ଡ ଚିକିତ୍ସାଳୟ।

ଖଡିଆଳ, ୨୮।୭ (ଡି.ଏନ.ଏ.)

**ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ**

ନୂଆପଡା ଜିଲାର ପ୍ରମୁଖ ସହର ହେଉଛି ଖଡିଆଳ। ଖଡିଆଳ ଜିଲାର ମଧ ସ୍ଥଳରେ ରହିଥିବା ବେଳେ ଏହି ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ପାଇବା ସକାଶେ ଶତାଧିକ ଲୋକ ନିର୍ଭର କରିଥାନ୍ତି। ଜିଲାର ଖଡିଆଳ, ବୋଡେନ, ସିନାପାଲି ସହିତ ପଡୋଶୀ ବଲାଙ୍ଗୀର ଜିଲାର ବଙ୍ଗୋମୁଣ୍ଡା, ତୁରେକେଲା, କଳାହାଣ୍ଡି ଜିଲାର ବୋର୍ଡା ଅଞ୍ଚଳ ଏବଂ ପଡୋଶୀ ଛତିଶଗଡ ରାଜ୍ୟର ଦେଓଭୋଗ ଅଞ୍ଚଳର ଲୋକେ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ପ୍ରତିଦିନ ଏହି ଡାକ୍ତରଖାନାରେ ୩୦୦ରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହେଉଛନ୍ତି। ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ପାଇଥିଲେ ମଧ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ଫଳରେ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏ ବିଷୟରେ ବାରମ୍ବାର ଅଭିଯୋଗ କଲେ ମଧ ସମାଧାନ ହୋଇପାରୁ ନାହିଁ। ଅନ୍ୟପକ୍ଷରେ ଖଡିଆଳ ଅଞ୍ଚଳରେ କିଡନୀ ରୋଗୀ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଫଳରେ ଏଠାକାର କିଡନୀ ରୋଗୀମାନେ ନୂଆପଡା ଜିଲା ସଦର ମହକୁମା ଚିକିତ୍ସାଳୟ ସମେତ ବୁର୍ଲା, କଟକ, ଭୁବନେଶ୍ୱର ଏବଂ ରାଜ୍ୟ ବାହାର ରାୟପୁର, ବିଶାଖାପାଟଣାକୁ ଯାଇ ଚିକିତ୍ସା ହେଉଛନ୍ତି। କିଡନୀ ରୋଗୀମାନେ ବାହାରକୁ ଯାଉଥିବାରୁ ଅନେକ ଖର୍ଚ୍ଚାନ୍ତ ହେଉଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଖଡିଆଳ ଉପଖଣ୍ଡ ଚିକିତ୍ସାଳୟରେ ଏକ କିଡନୀ ବିଶେଷଜ୍ଞ ଡାକ୍ତର ନିଯୁକ୍ତ କରିବା ପାଇଁ ସାଧାରଣାର ଦାବି ହେଉଛି।

# ବୋଡେନ ବ୍ଲକ କାର୍ଯ୍ୟାଳୟ ଘେରାଉ

ନୂଆପଡ଼ା ଅଫିସ,୨୮।୭

ନୂଆପଡା ଜିଲା ବୋଡେନ ବ୍ଲକର ବିଭିନ୍ନ ସମସ୍ୟା ନେଇ ବୁଧବାର ଦଳିତ ଅଧିକାର ମଞ୍ଚ ପକ୍ଷରୁ ବୋଡେନ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୋଡେନ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କୁ ୫ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଭିନ୍ନ ଦାବି ମଧରେ ଏମ୍‌ଜିଏନ୍‌ଆରଇଜିଏସ ଯୋଜନାରେ ଶ୍ରମିକମାନଙ୍କୁ ପାଉଣା ପ୍ରଦାନ କରିବା, ବ୍ଲକରେ ବାର୍ଦ୍ଧକ୍ୟ ଭତ୍ତା ପାଇବାରେ ଅନେକ ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗ ବଞ୍ଚିତ ରହିଥିବାରୁ ସେମାନଙ୍କୁ ଚୟନ କରି ପ୍ରକୃତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ, ବ୍ଲକର ପ୍ରତ୍ୟେକ ପରିବାରଙ୍କୁ ରାଶନ କାର୍ଡ ପ୍ରଦାନ, ଆବାସ ଯୋଜନାରେ ଦୁର୍ନୀତି ତଦନ୍ତ କରିବା, ଗ୍ରାମାଞ୍ଚଳରେ ପ୍ରତ୍ୟେକ ଗାଁର ଘରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଦଳିତ ଅଧିକାର ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଦଳିତ ଅଧିକାର ମଞ୍ଚ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଦୁଷ୍ମନ୍ତ ନିଆଲ, ପ୍ରଦୀପ ନାଏକ, କାର୍ତ୍ତିକ ମହାନନ୍ଦ, ତ୍ରିନାଥ ବେମାଲ, ଶିବା ହଂସ, ଗିରିଧାରି ସୁନା, ଛୋଟେଲାଲ ବାଗ, ଅନ୍ତରାମ ମହାନନ୍ଦ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ରହିଥିଲେ।



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

# ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ନେଇ ଜିଲାପାଳଙ୍କ ଅଫିସ ଘେରାଉ

ନୂଆପଡ଼ା ଅଫିସ,୨୮।୭



ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ନୂଆପଡା ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ପଶ୍ଚିମ ଓଡିଶା ପାଇଁ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ରାଜ୍ୟ ସରକାର ବୈମାତୃକ ମନୋଭାବ ଦେଖାଉଛନ୍ତି। ଏହାର ପ୍ରତିବାଦରେ ବୁଧବାର ଜିଲା ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୧୧ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତି ଯୋଗୁ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଦାନ ଦାବିପତ୍ର ଗ୍ରହଣ କରିଥିଲେ। ବୁର୍ଲା ଭିମସାରକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିବା ସହିତ ଆଇସିୟୁରେ ବେଡ ସଂଖ୍ୟା ବୃଦ୍ଧି କରିବା, କଟକ ଏସସିବି ମେଡିକାଲରେ ୯ଟି ଏକମୋ ମେଶିନର ବ୍ୟବସ୍ଥା ଥିବା ବେଳେ ପଶ୍ଚିମ ଓଡିଶାର ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ବୁର୍ଲା ଭିମସାର ପାଇଁ ଏକମୋ ମେଶିନ ରାଜ୍ୟ ସରକାର ତୁରନ୍ତ ସ୍ଥାପନ କରନ୍ତୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି। କଟକ ଏସସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ୧ ହଜାର କୋଟି ଖର୍ଚ୍ଚ କରାଯାଉଥିବା ବେଳେ ପଶ୍ଚିମ ଓଡିଶାକୁ କାହିଁକି ଉପେକ୍ଷା କରାଯାଉଛି ବୋଲି ପ୍ରଶ୍ନ କରାଯାଇଛି। ଭିମସାରସ୍ଥିତ କ୍ୟାନସର ବିଭାଗର ଦୁଃସ୍ଥିତି ଯୋଗୁ ପଶ୍ଚିମ ଓଡିଶାବାସୀଙ୍କ କୌଣସି କାମରେ ଆସୁନାହିଁ। ହାର୍ଟ କୋଡିଓ, ହାର୍ଟ ଟ୍ରାନ୍ସପ୍ଲାଣ୍ଟ ସର୍ଜରୀର କୋଣସି ସୁବିଧା ନ ଥିବାରୁ ଅଧିକ ଖର୍ଚ୍ଚାନ୍ତ ହୋଇ କଟକ, ଭୁବନେଶ୍ୱର ଓ ବିଶାଖାପାଟଣା ଯିବାକୁ ପଡୁଛି। ଗେଷ୍ଟ୍ରୋକୋଲୋଜି, ଏଣ୍ଡୋକ୍ରାଇନୋଲୋଜି, ଜି ଆଇ ସର୍ଜରୀ, ନେଫ୍ରୋଲୋଜି ବିଭାଗରେ ଆବଶ୍ୟକ ଡାକ୍ତର ଓ ଟ୍ରୋମା ବିଲଡିଂରେ ରେଡିଓଲୋଜିଷ୍ଟ ପାଇଁ ଦଳ ଦାବି କରିଥିଲା। ପଶ୍ଚିମ ଓଡିଶାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଡାକ୍ତର, ସ୍ପେସାଲିଷ୍ଟ, ଟେକ୍ନିସିୟାନ ସହିତ ଶିଶୁମାନଙ୍କ ଆବଶ୍ୟକ ପାଇଁ କୋଭିଡ୍ କେୟାର ସେଣ୍ଟର ସହ ଅକ୍ସିଜେନ ବେଡର ବ୍ୟବସ୍ଥା, ଜିଲା ଡାକ୍ତରଖାନାରେ କୋଭିଡ୍ ଟେଷ୍ଟ ପାଇଁ ଆରଟିପିସିଆର ବ୍ୟବସ୍ଥା କରିବାକୁ ଭାଜପା ଦାବି କରିଛି। ଜିଲା ସଭାପତି ସୁବ୍ରତ କୁମାର ଠାକୁରଙ୍କ ନେତୃତ୍ୱରେ ରାଜ୍ୟ ଉପସଭାପତି ପ୍ରସନ୍ନ ପାଢୀ, ଗୋଲଡି ଅଗ୍ରୱାଲ, ହୋମସିଂ ମାଝି, ଅଭିନନ୍ଦନ ପଣ୍ଡା, ମନିଜର ଆର୍ଯ୍ୟ, ତୁଳସ ପଟେଲ, ନେତ୍ରାନନ୍ଦ ମନହୀରା, ଗୋବର୍ଦ୍ଧନ ସାହୁ, ମହେଶ୍ୱର ଦଣ୍ଡସେନା ପ୍ରମୁଖ ଶତାଧିକ କର୍ମୀଙ୍କ ଉପସ୍ଥିତରେ ଦାବିପତ୍ର ପ୍ରଦାନ କରାଯାଇଛି।